# ରେଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ

**ମାଲକାନଗିରି, ୨୪।୧ (ଦୁର୍ଯ୍ୟୋଧନ ପାତ୍ର)**

ବିଭିନ୍ନ ଗ୍ରାମୀଣ ଉନ୍ନୟନ କାର୍ଯ୍ୟକ୍ରମର ସମନ୍ୱୟ ଓ ପର୍ଯ୍ୟାଲୋଚନା ନିମନ୍ତେ ଗଠିତ କମିଟି (ଦିଶା) ର ଏକ ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଜିଲା ପରିଷଦ ଅଧକ୍ଷା ସମାରୀ ତାଙ୍ଗୁଲ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ବନଖଣ୍ଡ ଅଧିକାରୀ ପ୍ରତାପ କତାପାଲୀ, ଅତିରିକ୍ତ ଜିଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ କାର୍ଯ୍ୟର ଅଗ୍ରଗତିକୁ ନେଇ ଏମ୍‌ପି ସମୀକ୍ଷା କରିବା ସହ ଚାଲୁଥିବା କାର୍ଯ୍ୟଗୁଡିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ମାଲକାନଗିରି ଭଳି ଆଦିବାସୀ ଅଧ୍ୟୁସିତ ଜିଲାରେ ଆତ୍ମନିର୍ଭର ଭାରତ ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ଅନେକ କ୍ଷେତ୍ରରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ଏମ୍‌ପି ମାଝୀ ଗୁରୁତ୍ୱାରୋପ କରଛନ୍ତି। ଅନ୍ତତଃ ଦୁଇଦିନ ବ୍ୟବଧାନରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଶ୍ରମିକଙ୍କୁ ମଜୁରି ଦେବାର ବ୍ୟବସ୍ଥା ହେଲେ ଜିଲାର ଦାଦନ ହାର କମିବ ବୋଲି ସେ ମତବ୍ୟକ୍ତ କରିଥିଲେ।

ଏମ୍‌ପି ମାଝୀ ରେଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ପ୍ରତି ଘରକୁ ବିଜୁଳି ସଂଯୋଗନ୍, ପାନୀୟ ଜଳ, କୃଷି, ଜଳସେଚନ, ପ୍ରାଣୀ ପାଳନ ସହ ଦୁଗ୍ଧ ଓ ମାଛ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ହେବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକମାନ ବୃଦ୍ଧି ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ରେଞ୍ଜ ଅନୁସାରେ ଜିଲାର ଜଙ୍ଗଲଗୁଡିକର ସର୍ଭେ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଜନ କଲ୍ୟାଣ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ସୁକନ୍ୟା, ଲକ୍ଷପତି ଦିଦି, ଅଟଳ ପେନସନ ଓ ମୁଦ୍ରା ଯୋଜନା ବିଷୟରେ ଆଲୋଚନା କରାଯାଇ କିଭଳି ଏହି ବିଷୟରେ ସମସ୍ତେ ଅବଗତ ହୋଇ ଏହାର ଲାଭ ଉଠାଇ ପାରିବେ ସେ ନେଇ ଆଲୋଚନା ହୋଇଥିଲା। ଅପହଞ୍ଚ ଗ୍ରାମଗୁଡ଼ିକୁ ସଡକ ପଥ ମାଧ୍ୟମରେ ଯୋଡିବା ପାଇଁ ଗୁରୁତ୍ୱାରୋପ କରାଯାଇଛି। ସେହିପରି



ବୈଠକରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ଓ ଅନ୍ୟମାନେ ।

## ଜିଲା ଉନ୍ନୟନ ସମନ୍ୱୟ କମିଟି ବୈଠକ

ନୂତନ ଶିକ୍ଷା ନୀତି ଆଧାରରେ ସମସ୍ତ ବିଦ୍ୟାଳୟରେ ଆନୁସଙ୍ଗିକ ବ୍ୟବସ୍ଥା କରିବା ପାଇଁ କୁହାଯାଇଛି। ପ୍ରତ୍ୟେକ ଗ୍ରାମକୁ ବିଦ୍ୟୁତ୍ ସେବା କିଭଳି ଯୋଗାଇ ଦିଆଯିବ ସେଥି ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ଗ୍ରାମରେ ମୋବାଇଲ ନେଟୱର୍କ ସେବାକୁ ସୁନିଶ୍ଚିତ କରିବା ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା। ଏମ୍‌ପିଙ୍କ ନିର୍ଦ୍ଦେଶ ପ୍ରକାରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଓ ଯୋଜନାଗୁଡିକ ତୃଣମୂଳସ୍ତରରେ ପହଞ୍ଚାଇବା ନିମନ୍ତେ ସମସ୍ତ ବିଭାଗ ପଦକ୍ଷେପ ନେବେ ବୋଲି ଜିଲାପାଳ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ଜିଲାର ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀଛାତ୍ର, ଯୁବତୀଯୁବକଙ୍କୁ ନେଇ ବ୍ଲକସ୍ତରର ପରାମର୍ଶ ଶିବିର



**କାଲିମେଲା, ୨୪।୧ (ଜୀବନ କୃଷ୍ଣ ଦାସ)**

ମାଲକାନଗିରି ଜିଲା କାଲିମେଲା ବ୍ଲକ ଗୋପବନ୍ଧୁ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଏବଂ ଜିଲା ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ପରାମର୍ଶ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଏସ୍‌ଏଫ୍ ଏବଂ ମାଲକାନଗିରି ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ଆଦିବାସୀ ତଥା ମାଓବାଦୀ ପ୍ରବଣ ଅଞ୍ଚଳରେ ବାସ କରୁଥିବା ବିଭିନ୍ନ ଗ୍ରାମର ଛାତ୍ର ଏବଂ ଯୁବତୀ ଯୁବକଙ୍କ ପାଇଁ ରୋଜଗାର ସୃଷ୍ଟି କରି ଚାକିରି ମେଳା ପାଇଁ ଏହି ବ୍ଲକସ୍ତରୀୟ ପରାମର୍ଶ ଶିବିର ଆୟୋଜିତ ହୋଇଥିଲା। ଏଥିରେ ନିକଟସ୍ଥ ଗାଁର ୨୧୭ ପ୍ରାର୍ଥୀ ଅଂଶଗ୍ରହଣ କରିଥିଲେ।

ସଭାରେ ବିଏସ୍‌ଏସ୍‌ଏଫ ଡିସି(ଜି) ଶୁଭଞ୍ଜନ ମହାପାତ୍ର, ଇନ୍ସପେକ୍ଟର ଲାଲବାଇ ସିଙ୍ଗସିଟ୍, କମାଣ୍ଡର ଉପେନ୍ଦ୍ର ଦୀପ, ହରିଶ ରୂପାଲ, ଆଇଟିଆଇ ପ୍ରଶିକ୍ଷକ ରିତେଶ କୁମାର, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ହିମାଂଶୁ ଶେଖର ବୈଦ୍ୟ, କାଲିମେଲା

## ୨୧୭ ପ୍ରାର୍ଥୀଙ୍କ ଅଂଶଗ୍ରହଣ

ସରପଞ୍ଚ ପୃଥ୍ୱୀରାଜ ମାଝୀ, ବଡିଗେଟା ସରପଞ୍ଚ ଲିଲି ସୋଡ଼ୀଙ୍କ ସମେତ ବିଏସ୍‌ଏଫ ଯବାନ ଓ ଜିଲା ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମାଲକାନଗିରି ବିଏସ୍‌ଏଫ୍, ପ୍ରମୋଦିନୀ ଫାଉଣ୍ଡେଶନ, ଶିବାନୀ ଫାଉଣ୍ଡେଶନ, ଓଡିଶା ନଲେଜ କର୍ପୋରେଶନ୍ ଲିମିଟେଡ, ସରକାରୀ ପଲିଟେକ୍ନିକ୍ ମାଲକାନଗିରି, ଶିଳ୍ପ ତାଲିମ କେନ୍ଦ୍ର ମାଥିଲି ପ୍ରମୁଖ ସରକାରଙ୍କ ସହ ଅନୁବନ୍ଧିତ ଥିବା ଏହି ସବୁ ତାଲିମ ପ୍ରଦାନକାରୀ ସଂସ୍ଥାର ପ୍ରତିନିଧିମାନେ ଭାଗନେଇ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଭାଗ ନେଇଥିବା ଛାତ୍ରୀଛାତ୍ର ଯୁବତୀ ଯୁବକ ମାନଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ବିଏସ୍‌ଏଫ୍ ନିଯୁକ୍ତି ପାମ୍ଫଲେଟ ବଣ୍ଟନ କରାଯାଇଥିଲା ଏବଂ ଯୁବକ ଛାତ୍ରମାନଙ୍କ ମଧ୍ୟରେ ସିଏପିଏଫ ନିଯୁକ୍ତି ବିଷୟରେ ସଚେତନତା ସୃଷ୍ଟି କରିଥିଲେ।

# ଇଣ୍ଟାକ୍ ଜାତୀୟ ଉତ୍ସବରେ ଯୋଗଦେବେ ୨ ଆଦିବାସୀ ମହିଳା




**କୋରାପୁଟ, ୨୪।୧ (ଅମିତାଭ ବେହେରା)**

## ଦିଲ୍ଲୀ ଅଭିମୁଖେ ଯାତ୍ରା

କୋରାପୁଟ ଜିଲାର ଲମତାପୁଟ ବ୍ଲକ ଅନ୍ତର୍ଗତ ରାଇପଡା ଗ୍ରାମର ଗାଦବା ସାମ୍ପ୍ରଦାୟର ୨ ଆଦିବାସୀ ମହିଳା ସେବତୀ ଶିଶା ଓ ମଣି କିରସାନି ଦିଲ୍ଲୀରେ ଅନୁଷ୍ଠିତ ହେଉଥିବା ଜାତୀୟସ୍ତରୀୟ ଇଣ୍ଟାକ ଉତ୍ସବରେ ସେମାନଙ୍କ କେରେଙ୍ଗ ବସ୍ତ୍ର ବୁଣା ପ୍ରଦର୍ଶନ କରିବା ପାଇଁ କୋରାପୁଟରୁ ଦିଲ୍ଲୀ ଅଭିମୁଖେ ଶୁକ୍ରବାର ଯାତ୍ରା କରିଛନ୍ତ। ଇଣ୍ଟାକ, ଜିଲା ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ବୟନ ବିଭାଗର ସହଯୋଗରେ ଗାଦବା ଜନଜାତିର ଲୁପ୍ତପ୍ରାୟ କେରେଙ୍ଗ ବସ୍ତ୍ରର ପୁନରୁଦ୍ଧାର କରି ନୂତନ ଭାବେ ବସ୍ତ୍ର ବୁଣା ଆରମ୍ଭ କରାଯାଇଛି। ଲମତାପୁଟର ରାଇପଡା ଗ୍ରାମର ମହିଳା ଓ ପୁରୁଷ ବୁଣାକାର ଆରମ୍ଭ ହୋଇଥିବା ଅଭିନବ ପ୍ରକଳ୍ପର ସଫଳତା ନିମନ୍ତେ କାର୍ଯ୍ୟ କରିଥିବା ଇଣ୍ଟାକର କୋରାପୁଟ ଚାପ୍ଟରର ଆବାହକା ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର କହିଛନ୍ତି। କେରେଙ୍ଗ ବସ୍ତ୍ରକୁ ପୁନରୁଦ୍ଧାର କରିବା ସହ କେରେଙ୍ଗ ଚାରାରୋପଣ ତଥା ପ୍ରାକୃତିକ ରଙ୍ଗ ପ୍ରଦାନ କରିଥିବା ଜାଫରା ଗଛ, ସିନ୍ଦୁର ଓ ସିଉନା ବୃକ୍ଷ ଆଦିର ବ୍ୟାପକ ପ୍ରସାର ପାଇଁ ଗଦବା ଜନଜାତି ମଧ୍ୟରେ ଇଚ୍ଛାଶକ୍ତିର ପୁନଃ ପ୍ରତିଷ୍ଠା କରାଯିବା ନେଇ କରାଯାଇଥିବା କାର୍ଯ୍ୟର ଫଳ ସ୍ୱରୂପ ବହୁ ଦିନ ପରେ ଗଦବା ଜନଜାତିର ବୁଣାକାର ପାରମ୍ପରିକ ତନ୍ତକୁ ବ୍ୟବହାର କରି ୪ ନୂତନ ବସ୍ତ୍ର ବୁଣିଛନ୍ତି। କେରେଙ୍ଗ ବସ୍ତ୍ର ବୟନର ପରିମାଣ ବିଗତ ଦିନରେ ବାଧାପ୍ରାପ୍ତ ହୋଇଥିଲେ ମଧ୍ୟ ବର୍ତ୍ତମାନ ସାମୁହିକ ପ୍ରୟାସରେ ଗାଦବା ଜନଜାତି ପାଇଁ ଆୟର ପନ୍ଥା ଖୋଲିବେ ବୋଲି ଡ. ମହାପାତ୍ର କହିଛନ୍ତି।

# ବୁଲା ବିକାଳିଙ୍କ କବ୍‌ଜାରେ ଗ୍ରାମାଞ୍ଚଳ, ସହର

**କୋରୁକୋଣ୍ଡା, ୨୪।୧ (ଶିବଦତ୍ତ ସାହୁ)**

ମାଲକାନଗିରି ଜିଲା ବାଲିମେଲା ସହର ସମେତ କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରେ ବୁଲା ବିକାଳୀଙ୍କ ସଂଖ୍ୟାଧୀରେ ବହୁ ପରିମାଣରେ ବୃଦ୍ଧି ପାଇବାରେ ଲାଗିଛି। କଂସା ବାସନଠାରୁ ଆରମ୍ଭକରି ଗଦି, ବେଡ଼ସିଟ, କମ୍ବଳ, ଲୁଗା, ପ୍ଲାଷ୍ଟିକ ଚେୟାର, ଗ୍ୟାସ ଚୁଲା, ଷ୍ଟିଲ ବାସନ, ଷ୍ଟେସନେରୀ ବିଭିନ୍ନ ପ୍ରକାର ଖାଦ୍ୟ ସହ ଗୃହ ବ୍ୟବହାର୍ଯ୍ୟ ସାମଗ୍ରୀ ବିକ୍ରୀ କରୁଥିବା ଦେଖିବାକୁ ମିଳୁଛି। ଏମାନଙ୍କ ମଧ୍ୟରୁ କେତେକ ସ୍ଥାନୀୟ ଅଞ୍ଚଳର ହୋଇଥିବା ବେଳେ ଅଧିକାଂଶ ବ୍ୟବସାୟୀ ଏବଂ ବାହାର ଦେଶରୁ ଆସି କିଛି ଅଞ୍ଚଳରେ ସେମାନେ ଘରଭଡା ନେଇ ବାଇକ୍ ଯୋଗେ ବାଲିମେଲା ସହର ସମେତ କୋରୁକୋଣ୍ଡା ବ୍ଲକର ବିଭିନ୍ନ ଗାଁଗଣ୍ଡା ବୁଲି ବିଭିନ୍ନ ସାମଗ୍ରୀ ବିକ୍ରୀ କରୁଛନ୍ତି। ତେବେ ଏହି ଅଞ୍ଚଳରେ ବାହାର ରାଜ୍ୟରୁ ଦଳ ଦଳ ହୋଇ ଆସି ବେପାର କରୁଥିବା ବ୍ୟବସାୟୀଙ୍କର ଠିକଣା ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ନିକଟରେ କୌଣସି ତଥ୍ୟ ନାହିଁ। ବିଡମ୍ବନାର ବିଷୟ ଏହିକି, ବୁଲା ବିକାଳୀମାନେ ବ୍ୟବହାର କରୁଥିବା ତଥା ବିଭିନ୍ନ ସାମଗ୍ରୀଗୁଡିକୁ ଲଦି ନେଇ ଯାଉଥିବା ବାଇକ୍ ମଧ୍ୟରୁ ଅଧିକାଂଶ ନମ୍ବର ବିହୀନ ଓ ଭଙ୍ଗା ଦଦରା ହୋଇଥିବା ସତ୍ତ୍ୱେ ଏଥିରେ ଆବଶ୍ୟକତାଠାରୁ ଅଧିକ ସାମଗ୍ରୀ ନେଇ ବିପଦ ସଂକୁଳ ଅବସ୍ଥାରେ ସେମାନ ଗାଁ ଗାଁ ବୁଲି ବ୍ୟବସାୟ କରୁଛନ୍ତି। ଅଧକାଂଶ ସମୟରର ଆଞ୍ଚଳିକ ପରିବହନ ବିଭାଗର ଆରଟିଓ ଏବଂ ଏମ୍‌ଭିଆଇଙ୍କ ପକ୍ଷରୁ ରାସ୍ତାରେ ଯାତାୟାତ କରୁଥିବା ଗାଡି ମୋଟର ଯାଞ୍ଚକରି ଆଇନ ଉଲ୍ଲଂଘନ କରି ଗାଡି ଚଳାଉଥିବା ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ନଜିର ରହିଛି। ହେଲେ ଏହି ବୁଲା ବ୍ୟବସାୟୀ ବ୍ୟବହାର କରୁଥିବା ମୋଟର ସାଇକେଲ ଗୁଡିକ ଉପରେ କିପରି ଆଞ୍ଚଳିକ ପରିବହନ ବିଭାଗର କର୍ତ୍ତୃପକ୍ଷଙ୍କ ନଜର ପଡୁନି

ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟବସାୟିଙ୍କ କଥା ବାର୍ତ୍ତା ଓ ଚାଲି ଚଳନରୁ ସେମାନେ ବାଙ୍ଗଲାଦେଶୀ ବୋଲି ଅନୁମାନ କରାଯାଉଛି। ଏଣୁ ପ୍ରଶାସନ ପକ୍ଷରୁ ଏମାନଙ୍କୁ ଚହ୍ନଟକରି ସେମାନଙ୍କର ଆଧାର କାର୍ଡ ଓ ଠିକଣା ଯାଞ୍ଚ କରିବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ଜୋର ଧରିଛି।



ବୁଲା ବିକାଳିଙ୍କଠାରୁ ଲୋକେ ସାମଗ୍ରୀ କିଣୁଛନ୍ତି ।

# ହୋମିଓପାଥି ଡାକ୍ତର ସଂଘର ସ୍ୱାସ୍ଥ୍ୟ ଶିବିର



ଶିବିରରେ ରୋଗୀଙ୍କୁ ଚିକିତ୍ସା କରାଯାଉଛି ।

**ମାଲକାନଗିରି, ୨୪।୧ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା କାଲିମେଲା ଥାନା ଅଞ୍ଚଳ ଏମ୍‌ପିଭି ୮୧ ଗ୍ରାମରେ ଜିଲା ହୋମିଓପାଥି ଡାକ୍ତର ସଂଘ ଦ୍ୱାରା ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି.ଭି. ୮୧ ଗ୍ରାମର ନେତାଜୀ ଯୁବକ ସଂଘ ତରଫରୁ ଅନୁଷ୍ଠିତ ଶିବିରରେ ଡାକ୍ତର ଇତିଶ୍ରୀ ମିସ୍ତ୍ରୀ, ଡାକ୍ତର ଏ. ବିଶ୍ୱାସ, ଡାକ୍ତର ଗାୟତ୍ରୀ ସାହୁ, ଡାକ୍ତର ବିଜୟ ବିଶ୍ୱାସ, ଅନିଲ ସରକାର, ସ୍ନେହଲତା ମଣ୍ଡଳ ଓ ରେଖା ମୁଖାର୍ଜୀ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ଆଖପାଖ ଅଞ୍ଚଳର ୩୨୫ ମହିଳା ଓ ପୁରୁଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ଔଷଧ ଦିଆଯାଇଥିଲା।

# କଳିଙ୍ଗା ଘାଟିରେ ଟ୍ରକ ଦୁର୍ଘଟଣାଗ୍ରସ୍ତ

**ଜି.ଉଦୟଗିରି, ୨୪।୧ (ଚିନ୍ମୟ କୁମାର ସେଠୀ)**

ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ଘାଟିର ଦୁର୍ଘଟଣା ପ୍ରବଣ ବୃହତ ବୁଲାଣି ସ୍ଥାନରେ ଗୁରୁବାର ରାତି ପ୍ରାୟ ୩.୩୦ମି. ସମୟରେ ଲୁହା ପାଇପ୍ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ଦେଖିବାକୁ ମିଳିଛି। ଦୁର୍ଘଟଣା ପରେ ପାଇପ ଗୁଡ଼ିକ ବିଛେଇ ହୋଇ ପଡ଼ି ରହିଥିଲା ଯାହା ଫଳରେ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଦୁର୍ଘଟଣାରେ ଡ୍ରାଇଭର ଏବଂ ହେଲପର ସୁରକ୍ଷିତ ଥିବା ଜଣାପଡ଼ିଛି। ଉକ୍ତ ଦୁର୍ଘଟଣା ପ୍ରବଣ ଦୀର୍ଘ ବୁଲାଣି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି ଏ ନେଇ ଜିଲା ଠାରୁ ଆରମ୍ଭ କରି ରାଜ୍ୟ ଓ କେନ୍ଦ୍ର ପର୍ଯ୍ୟନ୍ତ ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀ ଓ ଜନ ପ୍ରତିନିଧି ଅବଗତ ଥିବା ସତ୍ତ୍ୱେ କୌଣସି ସମାଧାନମୂଳକ ପଦକ୍ଷେପ ନିଆଯାଇନାହିଁ।

# ଜିଲାସ୍ତରୀୟ ଜାତୀୟ ବାଳିକା ଶିଶୁ ଦିବସ ପାଳିତ

**ମାଲକାନଗିରି, ୨୪।୧ (ଦୁର୍ଯ୍ୟୋଧନ ପାତ୍ର)**

ଗଣଶିକ୍ଷା ବିଭାଗ ତରଫରୁ ଜିଲାସ୍ତରୀୟ ଜାତୀୟ ବାଳିକା ଶିଶୁ ଦିବସ ସରକାରୀ କସ୍ତୁରବା ଗାନ୍ଧୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ପାଳିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବାନୀ ମୁଦୁଲି, ଗୌରାଙ୍ଗ ସାଜ୍ଜନ, ବରିଷ୍ଠ ଶିକ୍ଷକ ସନ୍ଦୀପ୍ତ ଦାସ, ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ପାଟଲା ଏବଂ ବାଳିକା ଶିକ୍ଷା ସଂଯୋଜିକା ଶକୁନ୍ତଳା ମାଝୀ ମଞ୍ଚାସୀନ ଥିଲେ। ଜିଲାର ୭ ବ୍ଲକରୁ ୬୦ ବାଳିକା ପ୍ରତିଯୋଗୀ ବକ୍ତୃତା, ରଚନା, କୁଇଜ୍ ଏବଂ ଝୋଟି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ପ୍ରମିଳା ମାଝୀ, ଅତିଥି ଭାବେ ଉପଖଣ୍ଡ ସାମାଜିକ ଅଧିକାରୀ ସସ୍ମିତା ସ୍ୱାଇଁ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବାନୀ ମୁଦୁଲି, ଯୋଜନା ସଂଯୋଜିକା ସମଗ୍ର ଶିକ୍ଷା ବିଜୟଲକ୍ଷ୍ମୀ ଚୌଧୁରୀ ଯୋଗ ଦେଇଥିଲେ।

ଜିଲା ବାଳିକା ଶିକ୍ଷା ସଂଯୋଜିକା ଶକୁନ୍ତଳା ମାଝୀ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ମୁଖ୍ୟ ଅତିଥି ବାଳିକା ଶିକ୍ଷାର୍ଥୀଙ୍କୁ ନିଜ ମଧ୍ୟରେ ଆତ୍ମବିଶ୍ୱାସ ସହ ସଶକ୍ତ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ସେନାପତି ମଞ୍ଚ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ଦେବରାଜ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

# ଗୋଦାମରେ ନିଆଁ ଲାଗି ବହୁ ଟଙ୍କାର ସାମଗ୍ରୀ ନଷ୍ଟ



**ଚିତ୍ରକୋଣ୍ଡା, ୨୪।୧ (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସଦର ମହକୁମା ମୁଖ୍ୟରାସ୍ତା କଡ ମସ୍‌ଜିଦ ସାହିର ଏକ ଗୋଦାମରେ ଗୁରୁବାର ରାତି ପ୍ରାୟ ୧୦ ଟାରେ ନିଆଁ ଲାଗି ବହୁ ଟଙ୍କାର ସାମଗ୍ରୀ ନଷ୍ଟ ହୋଇ ଯାଇଛି। ସୟଦ ସବିର ସାହାଙ୍କ ଗୋଦାମରେ ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଚିତ୍ରକୋଣ୍ଡା ଦମକଳ ବାହିନୀକୁ ସୂଚନା ଦେବା ପରେ ଦମକଳ ବାହିନୀ ପ୍ରାୟ ୧ ଘଣ୍ଟା ପରେ ନିଆଁକୁ ଆୟତ କରିଥିଲା। ଗୋଦାମ ମାଲିକ ସାହା କହିଛନ୍ତି, ଗୋଦାମରେ ପ୍ରାୟ ୩ ଲକ୍ଷ ଟଙ୍କାର ସାମଗ୍ରୀ ଗଛିତ ଥିଲା। ତାହା ସବୁ ପୋଡି ଧ୍ୱଂସ ହୋଇଯାଇଛି। କୌଣସି ଦୁର୍ବୃତ୍ତ ଏପରି କରିଥାଇପାରେ ବୋଲି ସେ ପ୍ରକାଶ କରିଥିଲେ। ଏ ସମ୍ବନ୍ଧରେ ଏକ ମାମଲା ରୁଜୁ କରାଯାଇ ଏହାର ତଦନ୍ତ ଜାରି ରହିଛି।

# କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଭ୍ରମଣ

**ମାଲକାନଗିରି, ୨୪।୧ (ଗୌରୀଶଙ୍କର ପଣ୍ଡା)**

ମାଲକାନଗିରି କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ର ମାନେ ଶୁକ୍ରବାର ଶୈକ୍ଷିକ ଭ୍ରମଣରେ ସ୍ଥାନୀୟ ସରକାରୀ ବହୁବୃତ୍ତି ଅନୁଷ୍ଠାନ, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପରିଦର୍ଶନ କରିଥିଲେ । ବିଦ୍ୟାଳୟର ୬ଷ୍ଠ ଏବଂ ସପ୍ତମ ଶ୍ରେଣୀର ୫୮ ଛାତ୍ରୀଛାତ୍ର ଦୁଇଟି ମହାବିଦ୍ୟାଳୟର ବିଭିନ୍ନ ବିଭାଗ ବୁଲିଥିଲେ। ଅଧ୍ୟାପକମାନେ ବିଭିନ୍ନ ବୃତ୍ତିଗତ ପାଠ୍ୟ ବିଷୟରେ ଏବଂ ବିଭିନ୍ନ ପ୍ରକାର ଯନ୍ତ୍ରପାତି କିପରି ଭାବେ କାମକରେ ସେ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲୋ। ବିଦ୍ୟାଳୟର ଶିକ୍ଷକ ଭି. ଅଶୋକ କୁମାର, ରଞ୍ଜିତ କୁମାର ପାତ୍ର, ଅରବିନ୍ଦ କୁମାର ସେଠ୍ ଏବଂ ଶିକ୍ଷୟିତ୍ରୀ କବିତା ଭାରତୀଙ୍କ ତତ୍ତ୍ୱାବଧାନରେ ଏହି ଶୈକ୍ଷିକ ଭ୍ରମଣ ହୋଇଥିଲା।




ସରକାରୀ ଆଇଟିଆଇ ପରିସରରେ ଛାତ୍ରୀଛାତ୍ର ।

# ବିପଦସଙ୍କୁଳ ଅବସ୍ଥାରେ ଯାତ୍ରୀ ପରିବହନ

**କୋରୁକୋଣ୍ଡା, ୨୪।୧ (ଶିବଦତ୍ତ ସାହୁ)**

- ନୀରବଦ୍ରଷ୍ଟା ସାଜିଛି ଆଞ୍ଚଳିକ ପରିବହନ ବିଭାଗ
- ନାବାଳକ ଚଳାଉଛନ୍ତି ବାଇକ୍

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ସମେତ ବାଲିମେଲା ସହରରେ ବିନା ଲାଇସେନ୍ସ ଓ କାଗଜପତ୍ରରେ ଅନେକ ଗାଡ଼ି ଚଳାଚଳ କରୁଛି। ବାଇକ୍‌ଠାରୁ ଆରମ୍ଭକରି ଅଟୋ, ଟ୍ରାକ୍ଟର, ପିକ୍‌ଅପ୍ ଭ୍ୟାନ, ବିଭିନ୍ନ ପ୍ରକାର ଡାଲା ଗାଡି ଏଥିରେ ରହିଛି। ନମ୍ବରବିହୀନ ଗାଡ଼ି ମଧ୍ୟ ବହୁ ସଂଖ୍ୟାରେ ଚାଲୁଥିବା ଦେଖିବାକୁ ମିଳୁଛି। ଖାଲି ଏତିକି ନୁହେଁ, ନାବାଳିକା ଓ ନାବାଳକମାନେ ଖୁଲମଖୁଲା ଭାବେ ବାଇକ୍ ଚଳାଉଥିବା ଦେଖିବାକୁ ମିଳୁଛି। ସରକାରଙ୍କ ପକ୍ଷରୁ ଜିଲାର ବିଭିନ୍ନ ଅଞ୍ଚଳକୁ ସରକାରୀ ଓ ବେସରକାରୀ ବସ୍ ଚଳାଚଳ କରୁଛି। ହେଲେ କେତେଜଣ ଯାତ୍ରୀ କମାଣ୍ଡର ଜିପ୍, ଅଟୋ ଓ ଭ୍ୟାନ୍‌ରେ ବସି ଯାତାୟାତ କରୁଛନ୍ତି। ଏଭଳି କେତେଜଣ ଗାଡି ମାଲିକ ଓ ଡ୍ରାଇଭରମାନେ ଅଧିକ ଅର୍ଥ ରୋଜଗାର କରିବା ଲୋଭରେ ବିପଦସଙ୍କୁଳ ଭାବେ ଗାଡିରେ କ୍ଷମତାଠାରୁ ଅଧିକ ଯାତ୍ରୀଙ୍କୁ ପଛପଟେ ଛିଡ଼ାକରାଇ ଏବଂ ଡାଲା ଉପରେ ନେବା ଆଣିବା କରୁଛନ୍ତି। ପୂର୍ବରୁ ଏହି ଅଞ୍ଚଳରେ ଏପରି ଯାତ୍ରା ସମୟରେ ଅନେକ ଥର ଦୁର୍ଘଟଣା ଘଟି ଲୋକଙ୍କ ଧନ ଜୀବନହାନି ହୋଇଥିଲେ ମଧ୍ୟ ଏହାକୁ ସୁଧାରିବା ଦିଗରେ ଆଞ୍ଚଳିକ ପରିବହନ ବିଭାଗ ଓ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଚଳିତ ମାସ ୧୦ରୁ ୭ ତାରିଖ ଯାଏ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜିଲାବାସୀଙ୍କୁ ସଚେତନ କରିବା ନିମନ୍ତେ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଥିଲା। ଏହା ସତ୍ତ୍ୱେ ଅନେକ ଲୋକ ଏ ଦିଗରେ ଆଦୌ ସଚେତନ ହେଉ ନ ଥିବା ଜଣାପଡ଼ିଛି। ମୁଖ୍ୟତଃ ଗାଡ଼ି ଚାଳକ ଓ ଯାତ୍ରୀଙ୍କ ଧନ ଜୀବନ ପ୍ରତି ଧ୍ୟାନ ଦିଆଯାଉନାହିଁ। ଉପରୋକ୍ତ ଅଞ୍ଚଳରେ ଦିନକୁ ଦିନ ଏହି ସମସ୍ୟା ବୃଦ୍ଧି ପାଉଥିଲେ ହେଁ ଆଞ୍ଚଳିକ ପରିବହନ ବିଭାଗର ଅଧିକାରୀ ଦୃଷ୍ଟି ଦେଉ ନ ଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ଏମ୍‌ଭିଆଇ ଜୋନ୍ ପ୍ରତାପ କୁଲୁଙ୍କୁ ପଚାରିବାରୁ ଧରପଗଡ ଚରିଆଡେ ଚାଲିଛି । ବାଇମେଲା ଓ କେରୁକୋଣ୍ଡା ଅଞ୍ଚଳରେ ଆମ ଟିମ୍ ଯାଇ ତଦନ୍ତ କରିବ ବୋଲି ସେ କହିଛନ୍ତି ।



ଯାତ୍ରୀମାନେ ଗାଡିରେ ଓହଳି ଯାଉଛନ୍ତି ।

# ସମସ୍ତ ଯୋଗ୍ୟ ପରିବାରକୁ ଚିହ୍ନଟ କରି ଗୃହ ମଞ୍ଜୁର ଲକ୍ଷ୍ୟ

### ଆବାସ ଯୋଜନା ଗୃହ ହିତାଧିକାରୀ ଚୟନ ପ୍ରକ୍ରିୟା ଶୁଭାରମ୍ଭ

ରାୟଗଡ଼ା,୨୪।୧(ଆଶିଷ ରଞ୍ଜନ ପଣ୍ଡା)

ଜିଲାରେ ଗୃହହୀନ ଓ କଚ୍ଚା ଘରେ ରହୁଥିବା ସମସ୍ତ ପରିବାରଙ୍କୁ ପକ୍କା ଘର ପ୍ରଦାନ ନିମନ୍ତେ ସର୍ଭେ ପ୍ରକ୍ରିୟା ଶୁକ୍ରବାରଠାରୁ ଶୁଭାରମ୍ଭ ହୋଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାୟଗଡ଼ା ସଦର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରୁ ଏହାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁ ଚରଣ ନାୟକ, ବ୍ଲକ ପ୍ରକଳ୍ପ ସଂଯୋଜକ ମୋହନ ମୁରଲୀ ହାତୀ, ବ୍ଲକ ଆବାସ ଯୋଜନା ସହାୟକ ନୀଳମଣି ପଣ୍ଡା ଓ ଅନ୍ୟ ବ୍ଲକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ସର୍ଭେ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବ୍ଲକ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସର୍ଭେ ନିମନ୍ତେ ପ୍ରତି ବ୍ଲକର କ୍ଷେତ୍ର କର୍ମଚାରୀଙ୍କୁ ନିୟୋଜିତ କରାଯିବା ସହ ଗ୍ରାମ ପଞ୍ଚାୟତସ୍ତରରେ ବ୍ୟାନର ପ୍ରଦର୍ଶନ, ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର ଓ ପ୍ରସାର କରାଯାଉଛି ବୋଲି ବ୍ଲକ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ରାୟଗଡା ବ୍ଲକରେ ୨୭୩ଟି ରାଜସ୍ୱ ଗ୍ରାମରେ ସର୍ଭେ ନିମନ୍ତେ ୫୭ ଜଣ କ୍ଷେତ୍ର କର୍ମଚାରୀ ନିୟୋଜିତ ଥିବା ଏବିଡିଓ କାଳୁ ଚରଣ ନାୟକ ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ, ହିତାଧିକାରୀ ଚୟନ ପଦ୍ଧତିକୁ କୋହଳ କରାଯାଇ ଦୁଇ ଚକିଆ ଯାନ, ଫ୍ରିଜ ଅବା ଲ୍ୟାଣ୍ଡଲାଇନ ଫୋନ ଥିବା ପରିବାର ଅଯୋଗ୍ୟ ବିବେଚିତ ହେବେନାହିଁ। ଏଥିସହ ପରିବାର ମାସିକ ଆୟ ୧୦ ହଜାରରୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ପରିବର୍ତ୍ତିତ ଯୋଗ୍ୟତା ମାନଦଣ୍ଡ ଆଧାରରେ ବଳକା ଥିବା ସମସ୍ତ ଯୋଗ୍ୟ ପରିବାରଙ୍କୁ ଚିହ୍ନଟ କରି ସେମାନଙ୍କୁ ଏହି ଯୋଜନାରେ ଗୃହ ମଞ୍ଜୁର ଲକ୍ଷ୍ୟରେ ସରକାର ନୂତନ ସର୍ଭେ ଆରମ୍ଭ କରାଯାଇଥିବା ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଖେମୁଣ୍ଡୁ କହିଛନ୍ତି ।


ଯୋଗ୍ୟ ହିତାଧିକାରୀ ପକ୍କା ଘର ପ୍ରଦାନ ନିମନ୍ତେ ସର୍ଭେ ପ୍ରକ୍ରିୟାର ଶୁଭାରମ୍ଭ କରାଯାଉଛି।

# ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ରାୟଗଡ଼ା ଡିଆରଏମ୍

ରାୟଗଡ଼ା,୨୪।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ରେଳ ଡିଭିଜନ ଡିଆରଏମ୍ ଅମିତାଭ ସିଂଘଲ ନୂତନ ଭାବେ ଦାୟିତ୍ୱ ନେବା ପରେ ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ କୋରାପୁଟ-କିରାଣ୍ଡୁଲ ରେଳ ଲାଇନ ଓ ଅନ୍ୟ କାର୍ଯ୍ୟ ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି । ବିଶେଷ ଭାବେ ନିର୍ମାଣଧୀନ କାର୍ଯ୍ୟ ସମେତ ରେଳ ଟ୍ରାକ୍ର ସୁରକ୍ଷା ବ୍ୟବସ୍ଥା, ସିଗ୍ନାଲ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହାବ୍ୟତୀତ କିରାଣ୍ଡୁଲସ୍ଥିତ ଏନଏମଡିସି ମାଇନ୍ସ କ୍ଷେତ୍ର ପରିଦର୍ଶନ କରି ଏନ୍ଏମଡିସି ଅଧିକାରୀଙ୍କ ସହିତ ଲୋଡ଼ିଂ ସୁବିଧା ଉପରେ ଆଲୋଚନା କରିଥିଲେ। ପରେ କିରାଣ୍ଡୁଲଠାରେ ନିର୍ମାଣଧୀନ ରାପିଡ଼ ୱାଗନ ଡିସଚାର୍ଜ ସିଲୋ ସିଷ୍ଟମ(ଆରଡବ୍ଲ୍ୟୁଡିଏସ୍)ର ସମୀକ୍ଷା କରିଥିଲେ ।ସେହିଭଳି ଗୁରୁବାର ରାୟଗଡ଼ା ରେଳ ଷ୍ଟେସନର ଆନୁସଙ୍ଗିକ ସୁବିଧା ବ୍ୟବସ୍ଥାର ମଧ ସମୀକ୍ଷା କରିବା ସହିତ କର୍ମଚାରୀଙ୍କ ସହିତ ଆଲୋଚନା କରି କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ତତସହିତ ରାୟଗଡ଼ା-କୋରାପୁଟ ରେଳ ଲାଇନ୍ର ସବୁଠାରୁ ବଡ଼ ରେଳ ବ୍ରିଜ ନଂକୁ ଯାଇ ତାହାର ସମୀକ୍ଷା କରିଥିଲେ ।


ବ୍ରିଜର ସମୀକ୍ଷା କରୁଛନ୍ତି ଡିଆରଏମ୍ ଅମିତାଭ ସିଂଘଲ।

# ସେବା ସମାଜ ପକ୍ଷରୁ ବାଳିକା ଦିବସ

ଗୁଣପୁର,୨୪।୧ (ପ୍ରଦୀପ କୁମାର ପାଢ଼ୀ )




ରାୟଗଡ଼ା ଜିଲା ଗୁଣପୁର ସେବା ସମାଜ ଠାରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଜାତୀୟ ବାଳିକା ଦିବସ ପାଳିତ କରାଯାଇଥିଲା। ଏହି ଅବସରରେ ଅନ୍ତେବାସୀ ବାଳିକାମାନେ ଜନ ସଚେତନତା ପାଇଁ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ବାଳିକାଙ୍କ ସୁରକ୍ଷା ଓ ବ୍ୟକ୍ତିର ବିକାଶ ପାଇଁ ଝିଅମାନଙ୍କର ମଧ ପୁଅଙ୍କ ଭଳି ସମାନ ସୁବିଧା ସୁଯୋଗ ଦେବାକୁ ଜନ ସଚେତନତା ସୃଷ୍ଟି କରାଯାଇଥିଲା। ସମାଜରେ ବାଳିକାଙ୍କ ପ୍ରତି ହେଉଥିବା ଭେଦଭାବ ଦୂର କରିବା ସହ କୌଣସି ବାଳିକା ଯେମିତି ତାର ଅଧିକାରରୁ ବଞ୍ଚିତ ନ ହୁଏ ସେଥିପାଇଁ ଚେଷ୍ଟା କରିଯିବା ଉଚିତ। ଝିଅମାନଙ୍କର ଉନ୍ନତି ହେଲେ ଦେଶ ଓ ଜାତିର ଉନ୍ନତି ହୋଇପାରିବ। ଝିଅମାନଙ୍କ ବିଭିନ୍ନ କ୍ଷେତ୍ରରେ ସଂରକ୍ଷଣର ବ୍ୟବସ୍ଥା ଆବଶ୍ୟକ ରହିଛି ବୋଲି ସଚେତନତା ବାର୍ତ୍ତା ଦିଆଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ବୈଠକରେ ବାଳିକାଙ୍କ ଅଧିକାର ଏବଂ ଆଇନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସେବା ସମାଜ ସଭାପତି ମାୟା ଶବର, ସମ୍ପାଦିକା ରାଜେଶ୍ୱରୀ ଦଳେଇ, ପ୍ରଭାସିନୀ ଶବର, ଇନ୍ଦ୍ର ଶବର, ପ୍ରମିଳା ଶବର, ସରସ୍ୱତୀ ସାହୁ, ଯଶମତୀ ମଣ୍ଡଳ, ଜସପିନା ଶବର, ରମେଶ ଶବର, ସତ୍ୟନାରାୟଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟୁସ୍ମିତା ଶବର ସଭା ପରିଚାଳନା କରିଥିଲେ।

# ମହିଳା ସଶକ୍ତୀକରଣ ସଚେତନତା ବାର୍ତ୍ତାଦେଲେ ଏସ୍ପି

### ବେଟି ବଚାଓ, ବେଟି ପଢ଼ାଓ ୧୦ ବର୍ଷ ପୂର୍ତ୍ତି

ରାୟଗଡ଼ା,୨୪।୧(ଆଶିଷ ରଞ୍ଜନ ପଣ୍ଡା)

ଜିଲା ପ୍ରଶାସନ ତରଫରୁ ବେଟି ବଚାଓ ବେଟି ପଢ଼ାଓ ଯୋଜନାର ୧୦ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ କିଶୋରୀ, ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟର ଛାତ୍ରୀ ଏବଂ ହାଇସ୍କୁଲର ଛାତ୍ରୀଙ୍କୁ ନେଇ ଏକ ସାଇକେଲ ରାଲି ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ମହିଳା ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁର ସବୁଜ ପତାକା ଦେଖାଇ ସାଇକେଲ ରାଲିର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମାଜ ମଙ୍ଗଳ ଅଧିକାରୀ ମିନତୀ ଦେଓ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଚିତ୍ରା ସେଠି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିମା ଦାସ ଓ ଅନ୍ୟମାନେ ଯୋଗଦେଇଥିଲେ। ପରେ ମହିଳା ମହାବିଦ୍ୟାଳୟଠାରେ ରଙ୍ଗୋଲି ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍ପି ସ୍ୱାଥି ଏସ.କୁମାର ଓ ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁର ଯୋଗଦେଇ ଉପସ୍ଥିତ ଛାତ୍ରୀଙ୍କୁ ମହିଳା ସଶକ୍ତିକରଣ ବିଷୟରେ ପଚାରିବୁଝିବା ସହିତ ମହିଳା ବିକାଶ ନେଇ ଆଲୋଚନା କରିଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ କନ୍ୟା ସନ୍ତାନର ସୁରକ୍ଷା ନିମନ୍ତେ ଏକ ଦସ୍ତଖତ ଅଭିଯାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମହିଳା ମହାବିଦ୍ୟାଳୟ ଅଧକ୍ଷା ଡ. ଅର୍ଚ୍ଚନା ପଟ୍ଟନାୟକ, ରାୟଗଡ଼ା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଅଧକ୍ଷା ଡ.ବବିଲତା ଶରାଫ୍ ଓ ଅନ୍ୟମାନେ ପରିଚାଳନା କରିଥିଲେ ।



ଏସ୍ପି, ଅତିରିକ୍ତ ଜିଲାପାଳଙ୍କ ସହ ଅନ୍ୟମାନେ ପୋଷ୍ଟର ପ୍ରଦର୍ଶନ କରୁଛନ୍ତି।

# ମହିଳା ହିଂସା ଆଇନ ସଚେତନତା କର୍ମଶାଳା

ଗୁଣପୁର,୨୪।୧(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ସ୍ଥାନୀୟ ମହାବିଦ୍ୟାଳୟଠାରେ ମହିଳା ହିଂସା ତଥା ଅସଦାଚରଣ ଆଇନ ଏବଂ ସାମ୍ବିଧାନିକ ନିୟମ ସହ କର୍ତ୍ତବ୍ୟ ଉପରେ ଏକ ଦିବସୀୟ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଦୌରାଜଜ୍ ଶେଖ ମହମ୍ମଦ କ୍ୱାଇସ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅତିଥି ଭାବେ ସବ୍ଜଜ୍ ସନ୍ତୋଷ ମହାପାତ୍ର, ଏସ୍ଡିଜେଏମ୍ ବିଜୟଲକ୍ଷ୍ମୀ ମହାପାତ୍ର, ସାହାରା ପରିବାର ପରାମର୍ଶ କେନ୍ଦ୍ରର ସଚିବ ପ୍ରମୋଦ କୁମାର ସାହୁ, ଗୁଣପୁର ମହାବିଦ୍ୟାଳୟର ଅଧକ୍ଷ ଶଶୀ ଭୂଷଣ ମହାନ୍ତି, ଅଧ୍ୟାପକ ସତ୍ୟବାନ ଗରଡ, ଆଇନଜୀବି ରମେଶ ଲିମା ଯୋଗଦେଇଥିଲେ। ମହିଳାଙ୍କ ପ୍ରତି ହେଉଥିବା ଅସଦାଚରଣ ପାଇଁ ମହିଳା ଆଇନ, ସାମ୍ବିଧାନିକ ନିୟମ ଏବଂ କର୍ତ୍ତବ୍ୟ ଉପରେ ଅତିଥିମାନେ ଛାତ୍ରୀଛାତ୍ରୀଙ୍କୁ ବୁଝାଇଥିଲେ।

ଯଦି କୌଣସି କର୍ମକ୍ଷେତ୍ରରେ ମହିଳାଙ୍କୁ ଅସଦାଚାରଣ କରାଯାଏ ତେବେ ସେଥିପାଇଁ ମଧ କଡାକଡି ଆଇନ ଥିବା ଅତିଥିମାନେ କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଙ୍କିତା ଶତପଥୀ, ମିହିର ପଟ୍ଟନାୟକଙ୍କ ସହ ଗୁଣୁପୁର ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଏବଂ ଅଧାପକ ଯୋଗଦେଇ ଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ବୀମା ରାଶି ପ୍ରଦାନ




ମୁନିଗୁଡ଼ା,୨୪।୧ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡା ବ୍ଲକ୍ ଅନ୍ତର୍ଗତ ଆଗୁଳ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଜଣେ ମୃତକଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ରାଶି ଯୋଜନାରେ ୨ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଶୁକ୍ରବାର ଶାଖା ପରିଚାଳକ ପ୍ରକାଶ କୁମାର ସାହୁ, ବ୍ୟାଙ୍କ କର୍ତ୍ତୃପକ୍ଷ ସୁଧାଂଶୁ ଶେଖର ପ୍ରଧାନ ଓ ଶିବଶଙ୍କର ଗୌଡଙ୍କ ଉପସ୍ଥିତରେ ମୃତ ବୁଟୁକୁଲିଙ୍କ ପୁଅ ମନୋଜକୁ ଏହି ଚେକ୍ ପ୍ରଦାନ କରିଥିଲେ। ସୂଚନା ଅନୁଯାୟୀ, କୁମୁଡାବାଲି ପଞ୍ଚାୟତ ଖାଲପଦର ଗ୍ରାମର କୁମାର ବୁଟୁକୁଲି (୫୦) ଗତବର୍ଷ ନଭେମ୍ବର ୧୪ରେ କୌଣସି କାରଣରୁ ମୃତ୍ୟୁବରଣ କରିଥିଲେ । ତାଙ୍କ ପୁଅ ମନୋଜ ଚଳିତ ଜାନୁଆରୀ ୧୪ରେ ଆବଶ୍ୟକ ନଥିପତ୍ର ଷ୍ଟେଟ ବ୍ୟାଙ୍କରେ ଦାଖଲ କରି ବୀମା ରାଶି ପାଇଁ ଆବେଦନ କରିଥିଲେ। ୧୦ ଦିନ ମଧ୍ୟରେ ବ୍ୟାଙ୍କ ପକ୍ଷରୁ ବୀମା ରାଶି ପ୍ରଦାନ କରାଯାଇଥିବାରୁ ମୃତକଙ୍କ ପରିବାର ଓ ଗ୍ରାମବାସୀ ଶାଖା ପରିଚାଳକ ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଅନ୍ୟପଟେ ଶାଖା ପରିଚାଳକ ଉକ୍ତ ଅଞ୍ଚଳରେ ବିଭିନ୍ନ ଯୋଜନାରେ ଋଣ ପ୍ରଦାନ ସହ ଖୁବକମ ଦିନ ମଧ୍ୟରେ ଅଞ୍ଚଳର ୧୦ ରୁ ଅଧିକ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ରାଶି ପ୍ରଦାନ କରି ଅଞ୍ଚଳର ପ୍ରିୟଭାଜନ ହୋଇଛନ୍ତି।

# ମତ୍ସ୍ୟ,ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ରାୟଗଡ଼ା,୨୪।୧( ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ତଥା ସୁକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ୩ଟି ବିଭାଗର ବିଭିନ୍ନ ସରକାରୀ ଯୋଜନାର ପ୍ରଗତି ବିଷୟରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ପ୍ରାଣୀ ସମ୍ପଦ ବିକାଶ ବିଭାଗର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ମାଧ୍ୟମରେ ଗୋପାଳନ, ଘାସ ଚାଷ ତଥା ପ୍ରାଣୀ ସମୃଦ୍ଧି ଯୋଜନା ମାଧ୍ୟମରେ କୁକୁଡା ପାଳନ ଓ ଅଣ୍ଡା ଉତ୍ପାଦନକୁ ପ୍ରାଧାନ୍ୟ ଦେବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମତ୍ସ୍ୟ ବିଭାଗର ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଓ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ମାଧ୍ୟମରେ ଚାଷୀଙ୍କ ଆୟକୁ ବହୁଗୁଣିତ କରିବା ସହ ସମସ୍ତ ଯୋଜନା ଚାଷୀଙ୍କ ନିକଟରେ ପହଞ୍ଚାଇବା ପାଇଁ ସଚେତନତା ଶିବିରର ଆୟୋଜନ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ପଦ୍ମପୁର ବ୍ଲକର କେନ୍ଦୁଗୁଡାଠାରେ ଥିବା ଜଳଭଣ୍ଡାରରେ ପଞ୍ଜୁରୀ ମାଧମରେ ମାଛ ଚାଷ କରିବା ପାଇଁ କହିଥିଲେ । ସୁକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମାଧ୍ୟମରେ ଲୋକଙ୍କ ଆୟକୁ ବୃଦ୍ଧି କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ରାୟଗଡା ଜିଲାପାଳ ପାରୁଲ ପଟୱାରି ସଭାପତିତ୍ୱ କରିଥିବାବେଳେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା ଦେବରାଜ ନାୟକ, ଜିଲା ମତ୍ସ୍ୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠି ଏବଂ ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ବିଜୟ କୁମାର ସାହୁ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲାର ୧୧ ବ୍ଲକରୁ ଆସିଥିବା. ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ, ସହକାରୀ ମତ୍ସ୍ୟ ଅଧିକାରୀ, ଜୀ. ଏମ. ଓମଫେଡ ଏବଂ ଆଇପିଓ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ମନ୍ତ୍ରୀ ବିଭାଗୀୟ ଅଦ୍ଦକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ମଧୁସ୍ମିତା 'ବେଷ୍ଟ ଷ୍ଟୁଡେଣ୍ଟ ଅଫ ଦ ଇଅର'

### ଗୁଡାରି ସରକାରୀ ହାଇସ୍କୁଲର ବାର୍ଷିକୋତ୍ସବ

ଗୁଡାରି,୨୪।୧(ପ୍ରମୋଦ କୁମାର ପତି)

ଗୁଡାରି ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ରାଜକିଶୋର ସାହୁ, ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରତ୍ନମୟୀ ପୁରୋହିତ, ନିମନ୍ତ୍ରିତ ଅତିଥି ଭାବେ ସିଆରସିସି ରାମକୃଷ୍ଣ ସାହୁ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ସହ ପୁରସ୍କୃତ କରିଥିଲେ। ଦଶମ ଶ୍ରେଣୀ ଛାତ୍ରୀ ମଧୁସ୍ମିତା ଜାନି ଚଳିତ ବର୍ଷର 'ବେଷ୍ଟ ଷ୍ଟୁଡେଣ୍ଟ ଅଫ ଦି ଇଅର' ଭାବେ ଅତିଥି ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କୃତ ହୋଇଥିଲେ। ବିଦ୍ୟାଳୟର ୟେଲୋ ହାଉସର ସମସ୍ତ ଛାତ୍ରୀଛାତ୍ର ଚାମ୍ପିୟନ ହୋଇଥିଲେ। ଶିକ୍ଷୟିତ୍ରୀ କଳ୍ପନା ଦେବି ନାଲ୍ଲା ଓ ନୋଡାଲ କ୍ରୀଡା ଶିକ୍ଷକ ରାଧାକାନ୍ତ ଗୁରୁ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଇନଚାର୍ଜ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ଶବରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ।


ଅତିଥି, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଗହଣରେ ମଧୁସ୍ମିତା।

# ପ୍ରଶାସନ ପ୍ରତିଶ୍ରୁତି ପରେ ଗ୍ରାମବାସୀଙ୍କ ଧାରଣା ସ୍ଥଗିତ

ଟିକିରି, ୨୪।୧(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଗୋରଖପୁର ପଞ୍ଚାୟତର ଲମ୍ବେରି ଓ ଗୁମ୍ପୁଟ ବାସିନ୍ଦା ମୌଳିକ ସମସ୍ୟା ଦାବିରେ ଗୁରୁବାର ୧୨ଟାରୁ ଧାରଣାରେ ବସିଥିଲେ। ୨୭ ଘଣ୍ଟା ପରେ ଶୁକ୍ରବାର ସନ୍ଧ୍ୟା ୭ଟା ୩୦ରେ ରାୟଗଡ଼ା ଉପ ଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଏବଂ ଅନ୍ୟ ସରକାରୀ ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଉକ୍ତ ଦୁଇ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ସହ ବିଦ୍ୟୁତ ସଂଯୋଗ ଓ ପାନୀୟ ଜଳର ବ୍ୟବସ୍ଥା ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ହୋଇଛି।

ସୂଚନାଯୋଗ୍ୟ, ଗ୍ରାମର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ବାରମ୍ବାର ବ୍ଲକ୍ ପ୍ରଶାସନ ମାଧ୍ୟମରେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ଉପରୋକ୍ତ ୨ ଗ୍ରାମର ସମସ୍ୟା ତୁରନ୍ତ ସମାଧାନ ଦାବିରେ ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟାରୁ ଗ୍ରାମବାସୀ ଶାନ୍ତିପୂର୍ଣ୍ଣ ଭାବେ ଗାଁଠାରୁ ପଦଯାତ୍ରା କରି କାଶୀପୁର ବ୍ଲକ ଅଫିସ୍ ସମ୍ମୁଖରେ ପହଞ୍ଚି ଧାରଣାରେ ବସିବା ସହ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କରିଥିଲେ।

# ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ପାଇଁ ଶିଶୁ ସୃଜନୀ କର୍ମଶାଳା

ଜେକେପୁର,୨୪।୧ (ରାଜେଶ ବିଶ୍ୱାଳ)

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ରାୟଗଡ଼ା ବ୍ଲକ୍ କୁମୁଟାଲପେଟସ୍ଥିତ ଉଗ୍ରତାରା ଉଚ୍ଚ ବିଦ୍ୟାଳୟ ଗୁରୁବାର ଶିଶୁ ସୃଜନୀ କର୍ମଶାଳା ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ଶିଶୁ ପ୍ରାଚୀର ପତ୍ରିକା ଶ୍ୱେତପଦ୍ମ ଉନ୍ମୋଚିତ ହୋଇଥିଲା। ଭୁବନେଶ୍ୱରସ୍ଥିତ ସୂର୍ଯ୍ୟୋଦୟ ଲିଟେରାରୀ ଫାଉଣ୍ଡେସନର ମିଳିତ ଆନୁକୁଲ୍ୟରେ ବିଦ୍ୟାଳୟସ୍ତରରେ ଶିଶୁ ପ୍ରତିଭାଙ୍କୁ ଉତ୍ସାହିତ କରିବା ପାଇଁ ତଥା ସେମାନଙ୍କ ମନରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ପ୍ରଚାର ପ୍ରସାର କ୍ଷେତ୍ରରେ ଆଗ୍ରହ ସୃଷ୍ଟି କରିବା ଏହି କର୍ମଶାଳାର ଲକ୍ଷ୍ୟ ବୋଲି କୁହାଯାଇଛି। କର୍ମଶାଳାର ପ୍ରଥମ ପର୍ଯ୍ୟାୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏମ୍ ବାଲା ମୁରଲୀକ୍ରିଷ୍ଣାଙ୍କ ଅଧ୍ୟକ୍ଷତାରେ ଓଡ଼ିଶାର ଦୁଇ ବରପୁତ୍ର ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବିଶିଷ୍ଟ ସାଧୀନତା ସଂଗ୍ରାମୀ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ କୁନି କୁନି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଳ୍ପ, କବିତା, ପ୍ରବନ୍ଧ ଓ ସଂଳାପ ଆଦି ଲେଖା ଆହ୍ୱାନ କରାଯାଇଥିଲା । ଏଥିରେ ପାଖାପାଖି ୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ପ୍ରଧାନଶିକ୍ଷକ ମୁରଲୀକ୍ରିଷ୍ଣାଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ସାହିତ୍ୟ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ଯୁଗଳ କିଶୋର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଞ୍ଜୁଲତା ଜେନା, ବନଫୁଲ ପ୍ରକାଶନ ପକ୍ଷରୁ ପ୍ରକାଶିତ ସାହିତ୍ୟ-ଫର୍ଦ୍ଦ ପତ୍ରିକାର ସମ୍ପାଦିକା ପ୍ରାବନ୍ଧିକା କୃଷ୍ଣାଞ୍ଜଳି ଦାଶ, ସୂର୍ଯ୍ୟୋଦୟ ଲିଟେରାରୀ ଫାଉଣ୍ଡେସନର ପ୍ରତିଷ୍ଠାତା ସମ୍ପାଦକ ମନୋଜ କୁମାର ପଣ୍ଡା, ବିଶିଷ୍ଟ ଶିଶୁ ସାହିତ୍ୟିକ ଜ୍ୟୋତି ପ୍ରକାଶ ଗଡତିଆ , ବିରଞ୍ଚି ନାରାୟଣ ଦାସ, ଓ ମୋ ସ୍କୁଲ ଅଭିଯାନର ସଭାପତି ରୋହିଣୀ କୁମାର ମହାଦୟ ଯୋଗଦେଇ ଶିଶୁ ସୁଲଭତା ଓ ଶିଶୁ ବିକାଶ ନିମନ୍ତେ ଆବଶ୍ୟକୀୟ ଦିଗ ଉପରେ ଆଲୋକପାତ କରିଥିଲେ। କୁନି କୁନି ଶିଶୁ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ସୁନ୍ଦର ନୃତ୍ୟ ଆସର ଆୟୋଜିତ ହୋଇଥିଲା। ବିଷ୍ଣୁପ୍ରିୟା ଦାଶ ମଞ୍ଚ ପରିଚାଳନା , ପ୍ରତିମା କୁମାରୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଭାତୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ର ।

# ଜଙ୍ଗଲ ନିଆଁ ନିବାରଣ ପାଇଁ ସଚେତନତା ବାଇକ୍ ରାଲି

ଗୁଡାରି/ ଚନ୍ଦ୍ରପୁର,୨୪।୧ (ପ୍ରମୋଦ କୁମାର ପତି/ ବିଜୟ ପ୍ରସାଦ ଉଲାକା)

ରାୟଗଡା ଜିଲା ଗୁଡାରି ରେଞ୍ଜ ଏବଂ ଚନ୍ଦ୍ରପୁର ବ୍ଲକର ଡ଼ାଙ୍ଗସୋରଡ଼ା ଫରେଷ୍ଟ ସେକ୍ସନ ତରଫରୁ ଜଙ୍ଗଲ ନିଆଁ ନିବାରଣ ସଚେତନତା ନିମନ୍ତେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏକ ବାଇକ ରାଲି ଅନୁଷ୍ଠିତ ହୋଇଥିଲା । ଡିଏଫଓ ସଚିନ ଆନ୍ନାସାହେବ ଓହୋଲଙ୍କ ନିର୍ଦ୍ଦେଶକ୍ରମେ ଗୁଡାରି ରେଞ୍ଜର ଦିଲୀପ କୁମାର ପଟ୍ଟନାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବାଇକ୍ ରାଲି ଶିରିଗୁଡ଼ା ସେକ୍ସନର ଗାଜିଗୁଡା ଗ୍ରାମରୁ ବାହାରି ଲୁହାମୁଣ୍ଡା ଗ୍ରାମ ଦେଇ ପ୍ରାୟ ୧୫ଟି ଗ୍ରାମ ପରିକ୍ରମା କରିବା ସହ ସହ ପଦଯାତ୍ରା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜଙ୍ଗଲ ନିଆଁ ନିବାରଣ ପାଇଁ ବନ କର୍ମଚାରୀମାନେ ସଚେତନତା ସ୍ଲୋଗାନ ଦେଇଥିଲେ । ବର୍ତ୍ତମାନ ପୋଡୁ ଚାଷ ପରେ ଅଧକାଂଶ ଗ୍ରାମବାସୀ ଜଙ୍ଗଲରେ ନିଆଁ ଲଗାଇଥାନ୍ତି । ଫଳରେ ଜଙ୍ଗଲ ଜଳି ନଷ୍ଟ ହୋଇଯାଇଥାଏ । ଆଗାମୀ ଗ୍ରୀଷ୍ମ ଋତୁରେ ଜଙ୍ଗଲ ନିଆଁକୁ କିପରି ନିୟନ୍ତ୍ରଣ ଓ ନିବାରଣ କରିବା ଓ ଜଙ୍ଗଲରେ କିପରି ନିଆଁ ନ ଲାଗିବ ସେଥିପ୍ରତି ଧ୍ୟାନ ଦେବା ନିମନ୍ତେ ସ୍ଥାନୀୟ ଲୋକଙ୍କୁ ବୁଝାଇବା ସହ ବିଭାଗକୁ ସହଯୋଗ କରିବାକୁ ଲୋକଙ୍କୁ ଅନୁରୋଧ କରାଯାଇଥିଲା । ଆଗାମୀ ଦିନରେ ଜଙ୍ଗଲ ନିଆଁ କିପରି ସମ୍ପୂର୍ଣ୍ଣ ବନ୍ଦ କରାଯାଇପାରିବ ସେ ବିଷୟରେ ମଧ ବୁଝା ଯାଉଥିଲା। ବାଇକ୍ ରାଲିରେ ୨ ଜଣ ବନପାଳ, ୪ ସେକ୍ସନ ବନରକ୍ଷୀ,ପାରା ସ୍କାର୍ଡ ଓ ପିଏନଜିଓ ଉପସ୍ଥିତ ଥିଲେ । କାର୍ଯକ୍ରମକୁ ଶିରିଗୁଡ଼ା ସେକ୍ସନ ବନପାଳ ମାନସ କୁମାର ପ୍ରଧାନ ପରିଚାଳନା କରିଥିଲେ ।

ସେହିପରି ଡ଼ାଙ୍ଗସୋରଡ଼ା ସେକ୍ସନର ବନପାଳ ସୁଜାତା ସୁନାମୁଦୀଙ୍କ ନେତୃତ୍ୱରେ ବନ ବିଭାଗ କାର୍ଯ୍ୟାଳୟ ପରିସରରୁ ବାଇକ ରାଲ ବାହାରି ଗୋଇଗୁଡ଼ା ଗ୍ରାମ, ବସଷ୍ଟାଣ୍ଡ ଛକ ଦେଇ ହନୁମନ୍ତପୁର ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲା। ଏଥିରେ ନାଉଡୁଗୁଡା, ସୁରୁଙ୍ଗାଗୁଡ଼ି, ଗମାଗୁଡ଼ି, ଡ଼ାଙ୍ଗସୋରଡ଼ା ପ୍ରଭୃତି ଗ୍ରାମରୁ ୨୦୦ରୁ ଉର୍ଦ୍ଧ୍ୱ ଅଞ୍ଚଳବାସୀ ସାମିଲ ହୋଇ ଏହି ରାଲିରେ ଯୋଗଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବନପାଳ ସୁଜାତା ସୁନାମୁଦୀ, ବନରକ୍ଷୀ କୁନି କୌଶଲ୍ୟା, ବିଶ୍ୱଜିତ ମହାରଣାଙ୍କ ସମେତ ବହୁ ବନ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଗୁରୁବାର ସୁରୁଙ୍ଗାଗୁଡ଼ି, ଗମାଗୁଡ଼ି, ନାଉଡୁଗୁଡା, ଗ୍ରାମରେ ଜଙ୍ଗଲ ନିଆଁର ପ୍ରତିରୋଧ ଓ ପ୍ରତିକାରକୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁବକମାନଙ୍କ ଭୂମିକା ରହିଥିବାରୁ ସେମାନଙ୍କୁ ସହଯୋଗ ପାଇଁ କୁହାଯିବା ସହ ବନ ବିଭାଗ ତରଫରୁ ସେମାନଙ୍କୁ ଭଲିବଲ ନେଟ୍ ପ୍ରଦାନ କରାଯାଇଥିଲା ବୋଲି ମୁନିଗୁଡା ବନାଞ୍ଚଳ ଅଧିକାରୀ ଅନିଲ କୁମାର ବାଲା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସାମାଜିକକର୍ମୀ ବିଜୟ ଉଲାକା, ଡ଼ାଙ୍ଗସୋରଡ଼ା ସେକ୍ସନର ବନପାଳ ସୁଜାତା ସୁନାମୁଦି, ବନରକ୍ଷୀ କୁନି କୌଶଲ୍ୟା, ବିଶ୍ୱଜିତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।


ଗୁଡାରୀରେ ବାଇକ୍ ରାଲି ।

**ସଂକ୍ଷେପରେ**

## ଲେମନ ଗ୍ରାସ ପ୍ଲାଣ୍ଟରେ ନିଆଁ

କୋରାପୁଟ/ନାରାୟଣପାଟଣା,୨୪।୧ (ଅମିତାଭ ବେହେରା/ରାଜକିଶୋର ଜେନା)

କୋରାପୁଟ ଜିଲାର ନାରାୟଣପାଟଣା ବ୍ଲକ୍ ମାଣ୍ଡିଆଗୁଡା ଗ୍ରାମ ନିକଟ ଏକ ଲେମନ ଗ୍ରାସ ପ୍ଲାଣ୍ଟରେ କୌଣସି କାରଣ ଯୋଗୁ ନିଆଁ ଲାଗିଛି। ପ୍ଲାଣ୍ଟରେ ଥିବା ୪ ଶ୍ରମିକ ରକ୍ଷା ସୁରକ୍ଷିତ ରହିଥିବା ଜଣାପଡ଼ିଛି। ଲେମନ ତେଲ ବାହାରିବା ପରେ ପଡିଥିବା ଘାସଗୁଡିକରେ ନିଆଁ ଲାଗିଯାଇଥିବା ଜଣାପଡ଼ିଛି। ନାରାୟଣପାଟଣା ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ମହିଳାଙ୍କ ସୁନାଚେନ୍ ଲୁଟ

ଜୟପୁର,୨୪।୧(ପବନ ପାଣିଗ୍ରାହୀ)

ମହିଳାଙ୍କଠାରୁ ସୁନାଚେନ ଲୁଟ ହୋଇଥିବା ଜୟପୁର ସଦର ଥାନାରେ ଅଭିଯୋଗ ହୋଇଛି। ସଦର ଥାନା ଅନ୍ତର୍ଗତ ଆମ୍ବାଗୁଡା ଗ୍ରାମ ନ୍ୟୁ କଲୋନୀରେ ମହିଳା ଜଣକ ଫୁଲ ତୋଳୁଥିବା ବେଳେ ବାଇକ୍‌ରେ ଆସି କଳାମୁଖା ପିନ୍ଧା କେତେକ ଦୁର୍ବୃତ୍ତ ଲୁଟ୍ କରିଥିଲେ। ସୁନାଚେନ ଦେଢ ତୁଳା ହେବ ବୋଲି ଜଣାପଡ଼ିଛି। ପୋଲିସ ତଦନ୍ତ ଆରମ୍ଭ କରିଛି।

## ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା

ଜୟପୁର,୨୪।୧(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ୍ ଗସ୍ତରେ ଆସି ଡଙ୍ଗରଛିଞ୍ଚି, ଜୟନ୍ତିଗିରି ଉମୁରିରେ ପଞ୍ଚାୟତ ବିଭାଗର ନିର୍ଦ୍ଦେଶକ ମହେଶ୍ୱର ସ୍ୱାଇଁ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଶୁକ୍ରବାର ସମୀକ୍ଷା କରିଛନ୍ତି। ଡଙ୍ଗରଛିଞ୍ଚିରେ ପାର୍କ, ମାର୍କେଟ କମ୍ପ୍ଲେକ୍ସ, ଉମୁରିରେ ବାମନ ଦେଇ ପଖୋରି ପୁନରୁଦ୍ଧାର, ଜୟନ୍ତିଗିରିରେ ହଡପାରେ ଆବାସ ଗୃହ,ପଞ୍ଚାୟତ କାର୍ଯ୍ୟାଳୟର ସମୀକ୍ଷା କରିଛନ୍ତି। ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଏବିଡିଓ ମନୋଜ ନାୟକ,ହକାରି ଯନ୍ତ୍ରୀ ବିଜୟ କୁମାର ନନ୍ଦ, ଜିପିଡିଓ ଭାଗିରଥି ନାୟକ ଓ ସହକାରି ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଖବରଦାତାଙ୍କ ବିୟୋଗରେ ଶୋକସଭା

କୋରାପୁଟ/ସୁନାବେଡା,୨୪।୧ (ଅମିତାଭ ବେହେରା/କୃତ୍ତିବାସ ପ୍ରଧାନ)

କୋରାପୁଟ ପ୍ରେସ କ୍ଲବ ଓ ଜିଲା ଖବରଦାତା ସଂଘ ପକ୍ଷରୁ କ୍ଲବ୍‌ର ପୂର୍ବତନ ସଭାପତି ତଥା ବରିଷ୍ଠ ଖବରଦାତା ଲକ୍ଷ୍ମୀପ୍ରସାଦ ରଥ(୭୩)ଙ୍କ ବିୟୋଗରେ ଶୁକ୍ରବାର ଏକ ଶୋକସଭା କରାଯାଇଛି। ଏଥିରେ ପ୍ରେସ କ୍ଲବର ସଭାପତି ଭବାନୀ ଶଙ୍କର ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା, ସମ୍ପାଦକ ଅମିତାଭ ବେହେରା, ବରିଷ୍ଠ ସଦସ୍ୟ ରଞ୍ଜନ କୁମାର ଦାସ, ସି.ଏଚ୍. ସାନ୍ତାକାର, ଘନଶ୍ୟାମ ରଥ, ସୌମ୍ୟ ରଞ୍ଜନ ସାହୁ, ତ୍ରିଲୋଚନ ମହାରଣା, ଅରୁଣ ଦାସ, ପବିତ୍ର ସେଠୀ, ଦିପୁ ମହାନ୍ତି, କେ. ଆଚାରୀ, ମନୋଜ ନାୟକ ଓ ମଣ୍ଟୁ ଭଦ୍ରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସଭାରେ ଜିଲା ସଂଘର ସଭାପତି ଶଶୀଧର ରାଉତ,ଯୁଗ୍ମ ସମ୍ପାଦକ ତ୍ରିନାଥ ଖରା, ସହ ସମ୍ପାଦକ ଶରତ ଧଳ, ପ୍ରଭାତ ସୁତାର, କୃତ୍ତିବାସ ପ୍ରଧାନ,କ୍ଷୀରୋଦ ଭୋଳ, ସୁନୀଲ ଖେତ୍ରିୟ,କୁର୍ମା ରାଓ,ପତି ମୁଠାଇ ଓ ସୁନାମ ହନ୍ତାଲ ପ୍ରମୁଖ ଅମର ଆତ୍ମାର ସଦ୍‌ଗତି କାମନା କରି ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ।

# ଚାଷୀଙ୍କୁ ଉଚିତ ମୂଲ୍ୟ ଦେବା ମୁଖ୍ୟ ଉଦ୍ଦେଶ୍ୟ

## ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

ପଟ୍ଟାଙ୍ଗି,୨୪।୧(ଶରତ କୁମାର ଧଳ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ସଦର ମହକୁମାସ୍ଥିତ ଗଣେଶ ମନ୍ଦିର ଓ ପାଣିଗ୍ରାହୀ ଫାର୍ମ ମଝିରେ ଥିବା ଚୌଧୁରୀ ମାର୍କେଟ କମ୍ପଲେସ୍ ପରିସରରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଏମ୍‌ପି ପ୍ରତିନିଧି ଶୁକ୍ରା ଖରା ମଣ୍ଡି ଉଦ୍‌ଘାଟନ କରିଥିଲେ। ଖରିଫ୍ ଋତୁରେ ଚାଷୀ ଅମଳ କରୁଥିବା ମାଣ୍ଡିଆ ସୁଲଭ ଦରରେ କିଣାଯିବା ସହ ଚାଷୀଙ୍କୁ ଉଚିତ୍ ମୂଲ୍ୟ ଦେବା ଏହାର ମୂଳ ଉଦ୍ଦେଶ୍ୟ ବୋଲି ପ୍ରତିନିଧି ଖରା କହିଛନ୍ତି। ଜିଲା କୃଷି ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହଯୋଗରେ ଚାଷୀଙ୍କଠାରୁ ମାଣ୍ଡିଆ କିଣାଯାଉଥିବା ପଞ୍ଚବଟମାଳି ପ୍ରଡ୍ୟୁସର କମ୍ପାନୀ ତଥା ଲାଭସ୍ ଅନୁଷ୍ଠାନର କର୍ମକର୍ତ୍ତା ସୁବ୍ରତ ପଟ୍ଟନାୟକ ସୂଚନା ଦେଇଥିଲେ। ଟିଡିସିସି ମ୍ୟାନେଜର ଆଶୁତୋଷ ନନ୍ଦଙ୍କ ଉପସ୍ଥିତିରେ ୨୦ ଚାଷୀଙ୍କଠାରୁ ୪୦୦ କୁଇଣ୍ଟାଲ ମାଣ୍ଡିଆ କିଣା ହୋଇଥିଲା। ଚାଷୀ କେଜି ପିଛା ୪୫ ଟଙ୍କାରେ ମଣ୍ଡିରେ ପହଞ୍ଚାଇ ବିକ୍ରି କରିବା ସହ ଏପ୍ରିଲ ୧୦ ପର୍ଯ୍ୟନ୍ତ ମାଣ୍ଡିଆ କିଣିବା ପାଇଁ ସରକାରୀ ସ୍ତରରେ ଦିନ ଧାର୍ଯ୍ୟ କରାଯାଇଛି। ଏଥିସହ ୧୪,୧୧୦କେଜି ମାଣ୍ଡିଆ କିଣିବା ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ସରପଞ୍ଚ ଆଲମେ ଫୁଲ, ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ଅର୍ଜୁନ ବାଙ୍କାଙ୍କ ସହ ଚାଷୀ କମିଟିର ୩ ସଦସ୍ୟ ପଞ୍ଚବଟମାଳି ପ୍ରଡ୍ୟୁସରର ନିର୍ଦ୍ଦେଶକ ମନୋନୀତ ବାବୁଲା ପାଙ୍ଗି, ସିରମା ପାଙ୍ଗି, ବ୍ଲକ୍ କୃଷି ବିଭାଗ ଅଧିକାରୀ ଦୁଷମନ୍ତ କୁମାର ସ୍ୱାଇଁ ଓ ମାଳତୀ ପାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ପରମାନନ୍ଦ ବିଷୋୟୀ ଓ ସିଆରପିମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜୟପୁରରେ ସିମ୍ଫୋନୀର ଡିଲର ସମ୍ମିଳନୀ

ଜୟପୁର, ୨୪।୧(ପବନ ପାଣିଗ୍ରାହୀ)

ସିମ୍ଫୋନୀ ଲିମିଟେଡ୍‌ର ବହୁ ପ୍ରତିକ୍ଷିତ ଡିଲର୍ସ ସମ୍ମିଳନୀ ଶୁକ୍ରବାର ଜୟପୁରର ହୋଟେଲ ବାଲକ୍ରିଷ୍ଣା ପ୍ୟାଲେସ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଜିଲାର ବହୁ ବ୍ୟବସାୟୀ ଏବଂ ସହୋଯାଗୀ ଯୋଗ ଦେଇଥିଲେ। କମ୍ପାନୀର ଶାଖାମୁଖ୍ୟ ରାଧାକାନ୍ତ ରାଉତ, ସର୍ଭିସ ମୁଖ୍ୟ ପ୍ରଶାନ୍ତ ତ୍ରିପାଠୀ, ବାଲ୍ କୁମାର ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କମ୍ପାନୀର ବେନଫିଟ ସ୍କିମ୍ ସିମ୍ଫୋନୀ ନେଭର ବିଫୋର ଅଫର ଓ ନୂଆ ଉତ୍ପାଦନ ସାଇଲେଓ, ଆର୍ଟିକ ସର୍କଲ ମେକ୍ସ ଉଇଣ୍ଡ, ଏପ୍ଲାଇଫୋର୍ସ, ନୂଆକରି ୱାଟରହିଟର ମାର୍କେଟରେ ପ୍ରବେଶ କରାଇଥିବା ଉତ୍ପାଦଗୁଡିକୁ ପ୍ରଦର୍ଶିତ କରାଯାଇଥିଲା। ଏୟାର କୁଲର ବର୍ଗରେ ସିମ୍ଫୋନୀର ସଶକ୍ତ ଉପସ୍ଥିତି ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ସିମ୍ଫୋନୀର ବୃହତ ବର୍ଗମାଳାର ଡିଷ୍ଟ୍ରିବ୍ୟୁଟର ଗୋପିକା ଏଣ୍ଟରପ୍ରାଇଜର୍ସର ମୁଖ୍ୟ ଶିବା ରେଡ୍ଡୀ, ଦିଲ୍ଲୀପ ରେଡ୍ଡୀ ଓ ନବୀନ ରେଡ୍ଡୀ ଉପସ୍ଥିତ ଥିଲେ। ଏହି ତିନୋଟି ଜିଲାର ୧୧୦ ଡିଲର ନେଟୱର୍କ ରହିଛି। ଯାହାକି ସିମ୍ଫୋନୀ ପାଇଁ ୬୦% ବଜାର ସୃଷ୍ଟି କରିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।


ଡିଲର ସମ୍ମିଳନୀରେ କମ୍ପାନୀ ଓ ଡିଲର କର୍ତ୍ତୃପକ୍ଷ ଉପସ୍ଥିତ ଅଛନ୍ତି ।

# ବିକ୍ଷୋଭ ପ୍ରଦର୍ଶନ କରି ଜିଲାପାଳଙ୍କୁ ଦାବିପତ୍ର

କୋରାପୁଟ,୨୪।୧(ଅମିତାଭ ବେହେରା)

ଜୀବିକା ମିଶନ ଓ ମିଶନଶକ୍ତିର ତୃଣମୂଳ ସ୍ତରରେ ଥିବା ଇସି ସଦସ୍ୟଙ୍କ ସ୍ଥାୟୀ ନିଯୁକ୍ତି ସହ ଅନ୍ୟାନ୍ୟ ୧୧ ଦଫା ଦାବି ନେଇ ରାଜ୍ୟ ସରକାର ଉଦ୍ଦେଶ୍ୟରେ କୋରାପୁଟ ଜିଲାପାଳ ଭି.କୀର୍ତ୍ତି ଭାସନଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ମିଶନଶକ୍ତି ସଭାନେତ୍ରୀ ଜ୍ୟୋତିରେଖା ଚେଟ୍ଟୀଙ୍କ ନେତୃତ୍ୱରେ ଶତାଧିକ ସିଆରପି, ଏମ୍‌ବିକେ ଓ ମିଶନଶକ୍ତି ଅଧୀନରେ କାର୍ଯ୍ୟରତ ଇସି ଉପସ୍ଥିତ ଥିଲେ। ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଶେଷରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।


ସଂଘର କର୍ମକର୍ତ୍ତା ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି ।

## ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ

ମିଶନଶକ୍ତି ବିଭାଗ ଅଧିନ ଜୀବିକା ମିଶନ ଓ ମିଶନଶକ୍ତି ଇସିଙ୍କ ରିଷ୍ଟ୍ରକଚରିଂ ବନ୍ଦ କରିବା, ସିଏଲଏଫ, ଜିପିଏଲ୍‌ଏଫ, ବିଏଲ୍‌ଏଫ, ଏବଂ ଡିଏଲଏଫରେ ଥିବା ଇସି ସଦସ୍ୟଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ଇସିମାନଙ୍କୁ ବରିଷ୍ଠତା ଓ ଯୋଗ୍ୟତା ଭିତ୍ତିରେ ସିଆରପି ଏବଂ ଏମ୍‌ବିକେ ପଦବୀକୁ ପଦୋନ୍ନତି ଦେବା, ମିଶନଶକ୍ତି ଇସିମାନଙ୍କୁ ସରକାରଙ୍କ ଦ୍ୱାରା ଘୋଷିତ କୁଶଳୀ ଶ୍ରମିକ ସର୍ବନିମ୍ନ ମଜୁରୀ ହାରରେ ପ୍ରଦାନ କରିବା ଓ ସେମାନଙ୍କର ବକେୟା ଭତ୍ତା ପ୍ରଦାନ କରିବା ଆଦି ୧୧ ଦଫା ଦାବି ଉଲ୍ଲେଖ ରହିଛି। ଉପମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ, ମିଶନଶକ୍ତି ବିଭାଗଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ରକୁ ଜିଲାପାଳ ଭାସନଙ୍କୁ ଦିଆଯାଇଥିଲା। ଏଥିରେ ଜିଲା ମିଶନଶକ୍ତିର ସମ୍ପାଦିକା ସୁଜାତା ପାଣିଗ୍ରାହୀ, ରାଜ୍ୟ ନେତା ଜୟନ୍ତ ଦାସ ଓ ଯୁଧିଷ୍ଠିର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

## ବାର୍ଷିକ କ୍ରୀଡ଼ା ଉତ୍ସବ

କୁନ୍ଦୁରା, ୨୪।୧(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଅନ୍ତର୍ଗତ ଲାଛନାଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ୩୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ରାମକୃଷ୍ଣ ସାବତ ଓ ପ୍ରଧାନଶିକ୍ଷକ ବିଜୟ କୁମାର ଭଞ୍ଜ ଯୋଗ ଦେଇଥିଲେ। କ୍ରୀଡ଼ା ଉତ୍ସବ ଛାତ୍ରୀଛାତ୍ରଙ୍କ ପାଇଁ ମାର୍ଗଦର୍ଶିକା ସାଜିବା ସହ ଅଞ୍ଚଳ ପ୍ରତିଭାମାନଙ୍କ ଯୋଗୁ ଅଞ୍ଚଳ ଗୌରବାନ୍ୱିତ ରହେ ବୋଲି ସରପଞ୍ଚ ଦୁତିକା ଭୂମିଆ କହିଛନ୍ତି। କାର୍ଯ୍ୟକ୍ରମରେ ବାଣୁଆଗୁଡା ସମିତିସଭ୍ୟା ବନିତା କାନ୍ଦଲିଆ,ସମାଜିକକର୍ମୀ ସୁନ୍ଦର ମାଳି, ସରୋଜ ସାବତ, ପ୍ରଧାନଶିକ୍ଷକ ସରୋଜ କୁମାର ପାଢ଼ୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ପ୍ରଫୁଲ୍ଲ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଅର୍ଜୁନ ପାଣିଗ୍ରାହୀ ଓ ଅରବିନ୍ଦ ବାରିକ ପରିଚାଳନା କରିଥିଲେ। ଖବରଦାତାଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜାତୀୟ ସେମିନାର ଉଦ୍‌ଘାଟିତ

ଜୟପୁର,୨୪।୧(ପବନ ପାଣିଗ୍ରାହୀ)

ଜୟପୁର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଶିକ୍ଷକ ଶିକ୍ଷା ବିଭାଗର ଆନୁକୁଲ୍ୟରେ ବିକଶିତ ଭାରତ ଗଠନରେ ଶିକ୍ଷକ ଶିକ୍ଷା ଶୀର୍ଷକ ନେଇ ଦୁଇ ଦିବସୀୟ ଜାତୀୟ ସେମିନାର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ଉଦ୍‌ଘାଟନ କରିଥିଲେ। ନୂଆଦିଲ୍ଲୀ ଏନ୍‌ସିଇଆରଟର ପ୍ରାକ୍ତନ ନିର୍ଦ୍ଦେଶକ ଓ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରଫେସର ଡ଼ଃ ହୃଷୀକେଶ ସେନାପତି ମୁଖ୍ୟ ଅତିଥି, ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ରାଜ୍ୟ ପାଠ୍ୟକ୍ରମ ଆଧାରର ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଜୟପୁର ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ଗୋପାଳ ହାଲଦାର ଯୋଗ ଦେଇଥିଲେ। ପ୍ରାଚୀର ପତ୍ରିକା କୁନ୍ଦକଳିକା, ପାଠ୍ୟ ଉପକରଣ ପ୍ରଦର୍ଶନୀ ଓ ଚିତ୍ରକଳା ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥଲା। ସେମିନାରର ଆବାହକ ଅଧକ୍ଷ ଡ଼. ପ୍ରଶାନ୍ତ କୁମାର ପାତ୍ର ଶିକ୍ଷକ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଡ଼. ମନୋରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମ ଓ ସେମିନାର ଆଭିମୁଖ୍ୟ ନେଇ ଉଲ୍ଲେଖ କରିଥିଲେ। ଲୋକେଶ ପ୍ରଧାନ ଧନ୍ୟବାଦ ଦେଇଥିଲେ। ବିକଶିତ ଭାରତ ଗଠନରେ ପ୍ରଯୁକ୍ତି ବିଦ୍ୟା ସମନ୍ୱିତ ଶିକ୍ଷକ ଶିକ୍ଷା ଶୀର୍ଷକ ବିଷୟବସ୍ତୁ ନେଇ ୧୦ ସନ୍ଦର୍ଭ ଉପସ୍ଥାପନ ହୋଇଥିଲା। ଏଥିରେ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶିକାଙ୍କ ଅଧ୍ୟକ୍ଷତାରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ଼ଃ ଭରତ କୁମାର ପଣ୍ଡା କାର୍ଯ୍ୟ ନିର୍ବାହ କରିଥିଲେ। ପୂର୍ବତନ ଅଧକ୍ଷ ଡ଼. ବୃନ୍ଦାବନ ଚନ୍ଦ୍ର ମିଶ୍ର ଓ ପ୍ରଫେସର ଦେବେନ୍ଦ୍ର କୁମାର ସେଠୀ,ଡ଼. ବଳଭଦ୍ର ଜେନା ଓ କସ୍ତୁରୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ସେମିନାରରେ ଉପସ୍ଥିତ ବିଶ୍ୱବିଦ୍ୟାଳୟ କୁଳପତି ଓ ଅନ୍ୟମାନେ।

# ଜିଲାସ୍ତରୀୟ ଶିଶୁକନ୍ୟା ଦିବସ ପାଳିତ

କୋରାପୁଟ,୨୪।୧(ଅମିତାଭ ବେହେରା)

କୋରାପୁଟସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଶିଶୁକନ୍ୟା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲାର ବିଭିନ୍ନ ବ୍ଲକ୍‌ରୁ ୧୦୦ରୁ ଉର୍ଦ୍ଧ୍ୱ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରୀ ପ୍ରତିଯୋଗିତାର ୨ ବର୍ଗରେ ଅଂଶ ଗ୍ରହଣ କରିଥିଲେ। ପ୍ରବନ୍ଧ ଲିଖନ, ସ୍ଲୋଗାନ ଲିଖନ, ଚିତ୍ରାଙ୍କନ ଏବଂ ସଙ୍ଗିତ ଆଦି ପ୍ରତିଯୋଗିତା ହୋଇଥିଲା। ଜିଲା ଶିକ୍ଷାଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି ଏବଂ ଜିଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା ସହ ଜିଲା ବିଜ୍ଞାନ ପରିଦର୍ଶକ ଅନନ୍ତ ଦଳପତି, ପ୍ରଧାନଶିକ୍ଷକ ସୁରେଶ ନାଗ ଓ ସଙ୍ଗିତା ମହାପାତ୍ର ପ୍ରମୁଖ ପୁରସ୍କାର ବିତରଣ କରିଥିଲେ। ରମେଶ ସାହୁ ଓ ସାଗରିକା ଦାସ ମଞ୍ଚ ପରିଚାଳନା କରିଥିଲେ। ଭବେସ ପତି,ସାଗରିକା ମିଶ୍ର, ପ୍ରଦୀପ ପାତ୍ର, ପ୍ରମୋଦ ଡାକୁଆ,ସୁଜିତ୍ ଜେନା,ଗଜନି ଚନ୍ଦ୍ରଶେଖର ଓ ଦୀପକ ସାହୁ ସହଯୋଗ କରିଥିଲେ।



ଅତିଥିଙ୍କ ସହ ପ୍ରମାଣପତ୍ର ପାଇଥିବା ଛାତ୍ରୀ ।

## ନାଗରିକ ସେବା ପ୍ରଦାନ, ଚାର୍ଟର ତାଲିମ ଶିବିର

ଜୟପୁର, ୨୪।୧(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ୍ ସଭାଗୃହରେ ବ୍ଲକ୍‌ସ୍ତରୀୟ ନାଗରିକ ସେବା ପ୍ରଦାନ ଓ ନାଗରିକ ଚାର୍ଟର ସମ୍ବନ୍ଧିୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଉପାଧକ୍ଷ ଗଣେଷ ପାଢ଼ୀ, ଏବିଡିଓ ମନୋଜ ନାୟକ, ଜିପିଡିଓ ଭାଗିରଥି ନାୟକ, ସହକାରି ଯନ୍ତ୍ରୀ ବିଜୟ କୁମାର ନନ୍ଦ, ଜିଲା ପରିଷଦ ସଭ୍ୟା ରଶ୍ମି ରଥ, ଆସ୍ଥା ନାୟକ ଓ ତପତି ପଟ୍ଟନାୟକ ଉପସ୍ଥିତ ଥିଲେ। ରଶ୍ମିଶ୍ରୀ ପ୍ରଧାନ ଓ ସିପି ପ୍ରଶନ୍ନ କୁମାର ମିଶ୍ର ପ୍ରଶିକ୍ଷଣ ଦେଇଥିଲେ। ଶିବିରରେ ସରପଞ୍ଚ, ସମିତିସଭ୍ୟ, ଅଙ୍ଗନୱାଡୀ କର୍ମୀ, ଆଶା, ପିଇଓ, ଏଡିଓ ଏବଂ ଜିଆରଏସଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

# ଗୁପ୍ତେଶ୍ୱର ଦର୍ଶନ ଟିକେଟ ଟଙ୍କା ଆଦାୟ ବନ୍ଦ ନେଇ ଦାବିପତ୍ର

ଜୟପୁର,୨୪।୧(ପବନ ପାଣିଗ୍ରାହୀ)

କୋରାପୁଟ ଜିଲାର ଶୈବପୀଠ ଗୁପ୍ତେଶ୍ୱରରେ ହେଉଥିବା ମହାଶିବରାତ୍ରିରେ ମହାଦେବଙ୍କ ଦର୍ଶନ ପାଇଁ ଆଦାୟ ହେଉଥିବା ୧୦ଟଙ୍କା ଟିକେଟକୁ ବନ୍ଦ କରିବା ନେଇ ହିନ୍ଦୁ ସମାଜ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ହିନ୍ଦୁମାନଙ୍କ ପ୍ରତି ଅନ୍ୟାୟ କରାଯିବା ସହ କୌଣସି ମନ୍ଦିରରେ ଭଗବାନଙ୍କୁ ଦର୍ଶନ କରିବା ପାଇଁ ଟିକସ ନିଆଯାଉଥିବା ବେଳେ କାହିଁକି ଗୁପ୍ତେଶ୍ୱରରେ ନିଆଯିବ ଓ ଏହାକୁ ବନ୍ଦ କରିବାକୁ ଦାବି କରାଯାଇଛି। ଏହି ସମୟରେ ରଜନୀକାନ୍ତ ନାୟକ, ସତୀଶ ନନ୍ଦ, ଲଳିତ ଅଗ୍ରାଲ, ସଞ୍ଜୟ ଅଗ୍ରାଲ, ବିଜୟ କୁମାର ସିଂଲାଲ, ପ୍ରଶାନ୍ତ ରଞ୍ଜନ ପାଣିଗ୍ରାହୀ, ହେମନ୍ତ କୁମାର ସାମଲ, ରବିନ୍ଦ୍ର ମହାପାତ୍ର, ସୁରେଶ ସାହୁ, ପ୍ରଫୁଲ ମହାଙ୍କୁଡ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୬ ଗିରଫ, କାର, ବୋଲେରୋ ଜବତ

ବୋରିଗୁମ୍ମା, ୨୪।୧(ବିଜୟ ସାହୁ)

## ଟଙ୍କା ପାଇଁ ଯୁବକଙ୍କୁ ଅପହରଣ ମାମଲା

କୋରାପୁଟ ଜିଲା ବୋରିଗୁମ୍ମା ସହରରେ ଟଙ୍କା ପାଇଁ ଜଣେ ଯୁବକଙ୍କୁ କେତେକ ଦୁର୍ବୃତ୍ତ ଗତ ୧୭ ତାରିଖରେ ଅପହରଣ ଘଟଣାରେ ପୋଲିସ ଶୁକ୍ରବାର ୬ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଗୋଟିଏ କାର, ବୋଲେରୋ,ଦୁଇଟି ବାଇକ୍ ଓ ୬ ମୋବାଇଲ ଫୋନ ଜବତ କରିଛି । ଏ ନେଇ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମନୋଜ କୁମାର ପୂଜାରୀ ସୂଚନା ଦେଇଛନ୍ତି। ୬ ଅପହରଣକାରୀ ହେଲେ ମୁଖ୍ୟ ଅଭିଯୁକ୍ତ ବୋରିଗୁମ୍ମା କେନ୍ଦୁଗୁଡାର ଜଗଦୀଶ ପାତ୍ର,ରତନ ଭୂମିଆ,ରାମ ହରିଜନ, ଜଗବନ୍ଧୁ ହରିଜନ, ଶାନ୍ତି ନଗରର ପଦ୍ମନ ପୂଜାରୀ, ଜୟନ୍ତୀଗିରିର ଚନ୍ଦ୍ର ହରିଜନ।

ସୂଚନାଯୋଗ୍ୟ, ଗତ ୧୭ ତାରିଖ ସନ୍ଧ୍ୟା ୭ଟା ୩୦ ରେ କେତେଜଣ ଅଜଣା ଦୁର୍ବୃତ୍ତ କେନ୍ଦୁଗୁଡାର ଡମ୍ବୁ ଭୂମିଆଙ୍କୁ ନନ୍ଦରଲା ବ୍ରିଜ ନିକଟରେ ଗୋଟିଏ ବୋଲେରୋ ଯୋଗେ ଅପହରଣକରି ଜୟପୁର ନେଇଥିଲେ। ସେଠାରେ ଡମ୍ବୁଙ୍କ ଆକାଉଣ୍ଟରୁ ୩୫ହଜାର ଟଙ୍କା ଉଠାଇଥିଲେ। ପରେ ବୈପାରିଗୁଡା ଥାନା ରାମଗିରି ଓ ଦଣ୍ଡାବାଡ଼ ଅଞ୍ଚଳରୁ ଡମ୍ବୁଙ୍କ ସ୍ତ୍ରୀଙ୍କୁ ୧ ଲକ୍ଷ ଟଙ୍କା ଦେବକୁ ବିଭିନ୍ନ ଅଜଣା ନମ୍ବରରୁ ଫୋନ କରିଥିଲେ। ପରେ ପୋଲିସ ଅଭିଯୁକ୍ତଙ୍କ ମୋବାଇଲକୁ ଟ୍ରାକ୍ କରି ଅପହୃତ ଡମ୍ବୁଙ୍କୁ ରଣାଗୁଡା ଗ୍ରାମ ନିକଟରୁ ଉଦ୍ଧାର କରିଥିଲା। ତେବେ ପୋଲିସ ଅପହରଣର ୪୮ ଘଣ୍ଟା ମଧ୍ୟରେ ଅପହୃତ ହୋଇଥିବା ଯୁବକଙ୍କୁ ଉଦ୍ଧାର କରିଥିଲା। ଏବେବି ଘଟଣାରେ ସମ୍ପୃକ୍ତ ୪ ଜଣ ଫେରାର ଥିବା ଅତିରିକ୍ତ ଏସ୍‌ପି ସୂଚନା ଦେଇଛନ୍ତି। ଏନେଇ ବୋରିଗୁମ୍ମା ଥାନାରେ ନଂ.୧୨/୨୫ ଅପହରଣ ମାମଲା ରୁଜୁ କରାଯାଇଛି। ଖବରରଦାତା ସମ୍ମିଳନୀରେ ବୋରିଗୁମ୍ମା ଏସ୍‌ଡିପିଓ ତପସ୍ୱିନୀ କହଁର, ଆଇଆଇସି ଯୁଗଳ କିଶୋର ସା,ଏସ୍‌ଆଇ ରଚିତା ମାଡକାମୀ ଓ ଦ୍ରୋଣାଚାର୍ଯ୍ୟ ବାଗ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଅତିରିକ୍ତି ଏସ୍‌ପି ଓ ଅନ୍ୟମାନେ ଗିରଫ ସମ୍ପର୍କରେ ସୂଚନା ଦେଉଛନ୍ତି ।

# ରାଜପଥ କଡ଼ରୁ ଜବରଦଖଲ ଉଚ୍ଛେଦ

## ଯାନବାହନର ଅବାଧ ପାର୍କିଂରୁ ହେଉଥିଲା ଟ୍ରାଫିକ୍ ସମସ୍ୟା

ସୁନାବେଡା/ସେମିଳିଗୁଡା,୨୪।୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସୁନାବେଡା ଓ ସେମିଳିଗୁଡା ରାଜପଥର ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରିଛି ଜିଲା ପ୍ରଶାସନ। ପୌର ପ୍ରଶାସନ ପକ୍ଷରୁ ଶୁକ୍ରବାର ଉଭୟ ସହର ଦେଇ ଯାଇଥିବା ଜାତୀୟ ରାଜପଥ ରାସ୍ତା କଡ଼ରେ ବ୍ୟବସାୟ କରୁଥିବା ଉଠା ଦୋକାନୀ ଏବଂ ରାସ୍ତା କଡ଼ ଡ୍ରେନ୍ ଉପରେ ବେଆଇନ ନିର୍ମାଣ ସହ ରାସ୍ତା ଉପରେ ଲଗାଇଥିବା ସାଇନ୍ ବୋର୍ଡ ଭଳି ସମସ୍ତ ଅବରୋଧ ତଥା ଜବର ଦଖଲକୁ ଜେସିବି ସାହାଯ୍ୟରେ ଉଚ୍ଛେଦ କରିଛି ପ୍ରଶାସନ। ତା'ଛାଡ଼ ବହୁ ଦିନରୁ ରାସ୍ତା ଅବରୋଧ କରି ରହିଥିବା ଟ୍ରାଫିକ ଟେଷ୍ଟକୁ ମଧ୍ୟ ଉଚ୍ଛେଦ କରାଯାଇଛି। ଜବରଦଖଲ ଉଚ୍ଛେଦ ସମୟରେ ପୌର ପରିଷଦ ନିର୍ବାହୀ ଅଧିକାରୀ ନାରାୟଣ ନାୟକ, ସେମିଳିଗୁଡା ତହସିଲଦାର ଦେବବ୍ରତ କରାତେ, ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ନାୟକ, ସୁନାବେଡା ଥାନା ଅଧିକାରୀ ସୁଷମା କୁହଁର, ସେମିଳିଗୁଡା ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନଙ୍କ ସମେତ ରାଜସ୍ୱ, ପୌର ଓ ପୋଲିସ ବିଭାଗର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ପୌର ପ୍ରଶାସନ ପକ୍ଷରୁ ଚଳିତ ୨୩ ତାରିଖ ସୁଦ୍ଧା ଉଭୟ ସୁନାବେଡା ଓ ସେମିଳିଗୁଡା ସହର ଦେଇ ଯାଇଥିବା ରାଜରାସ୍ତା କଡ଼ରୁ ନିଜ ନିଜର ବେଆଇନ ବ୍ୟବସାୟ ସ୍ଥଳ ଓ ନିର୍ମାଣକୁ ତୁରନ୍ତ ଖାଲି କରିବାକୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଅବଗତ କରାଯାଇଥିଲା। ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବହୁ ଉଠା ଦୋକାନ ଥିବା ସହ ରାସ୍ତା କଡରେ ଯାନବାହନଗୁଡିକର ଅବାଧ ପାର୍କିଂ ଯୋଗୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିଲା । ରାସ୍ତା ସଂକୀର୍ଣ୍ଣ ସାଙ୍ଗକୁ ଛୋଟ ବଡ଼ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଥିବାରୁ ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଥିଲା। ଯାହାକୁ ନେଇ ଶୁକ୍ରବାର ପ୍ରଶାସନ ତତ୍ପର ହୋଇ ଉଠିଥିଲା ।



ପୌର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି ।

# ବନବିଭାଗକୁ ସହଯୋଗ କରିବା ନେଇ ଲୋକଙ୍କୁ ପରାମର୍ଶ

ଝରିଗାଁ,୨୪।୧(କିଶୋର ଚନ୍ଦ୍ର ମଣ୍ଡଳ)

ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ନେଇ ନବରଙ୍ଗପୁର ଜିଲା ଝରିଗାଁ ବନାଞ୍ଚଳ ପକ୍ଷରୁ ଜଙ୍ଗଲ ନିଆଁ ନିବାରଣ ସଚେତନତା ଶୋଭାଯାତ୍ରା କରାଯାଇଛି। ବନାଞ୍ଚଳ ରେଞ୍ଜର ଗୋବିନ୍ଦ ନାୟକଙ୍କ ନେତୃତ୍ୱରେ ବନ ବିଭାଗ କାର୍ଯ୍ୟାଳୟରୁ ନିଆଁ ନିବାରଣ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ସେହିପରି ଜନ ସମାଗମ ହୋଇଥିବା ସ୍ଥାନରେ ଘୁମୁରା ନୃତ୍ୟ ମଧ୍ୟମରେ ଲୋକଙ୍କୁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ନେଇ ବାର୍ତ୍ତା ପ୍ରଦାନ କରାଯାଇଥିଲା। ବନ ବିଭାଗ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ତହସିଲଦାର ଶଙ୍କର କୁମାର ପଟ୍ଟନାୟକ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ପ୍ରାଣୀ ଚିକିତ୍ସକ ଡାକ୍ତର ସାରଦା ନାୟକ, ଜିଲା ପରିଷଦ ସଭ୍ୟା ଯମୁନା ଗଣ୍ଡ, ୱାଇଲ୍ଡ ଲାଇଫ୍ ୱାର୍ଡେନ୍ ଭକ୍ତଚାନ୍ଦ ନାୟକ ଏବଂ ରେଞ୍ଜର ଗୋବିନ୍ଦ ନାୟକ ମଞ୍ଚାସୀନ ଥିଲେ। ଝରିଗାଁ ଅଞ୍ଚଳରେ ମକା ଚାଷର ଚାହିଦା ଅଧିକ ରହିଛି। ମକା ଅମଳ ପରେ ଚାଷୀମାନେ ଶୁଖିଲା ମକା ଗଛ ଗୁଡ଼ିକୁ ନିଆଁ ଲଗାଇ ଦେଇଥାନ୍ତି। ମହୁଲ ସଂଗ୍ରହକାରୀମାନେ ଏ ନେଇ ଉକ୍ତ ସ୍ଥାନ ମାନଙ୍କରେ ଛୋଟ ଛୋଟ ଗଛ ଗୁଡ଼ିକରେ ନିଆଁ ଲଗାଇ ଦେଇଥାନ୍ତି। ଗ୍ରୀଷ୍ମଋତୁରେ ଉକ୍ତ ନିଆଁକୁ ଆୟତ୍ତ କରିବା କଷ୍ଟକର ହୋଇଥାଏ। ତେଣୁ ଆଗାମୀ ଗ୍ରୀଷ୍ମ ଋତୁରେ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ ଓ ନିବାରଣ କରିବା, ଜଙ୍ଗଲରେ କିପରି ନିଆଁ ନ ଲାଗିବ ସେ ଉପରେ ପ୍ରୟାସ ଓ ସେଥିରେ ବନବିଭାଗକୁ ସହଯୋଗ କରିବାକୁ ଲୋକମାନଙ୍କୁ ଅନୁରୋଧ କରାଯାଇଥିଲା। ଜଙ୍ଗଲ ନିଆଁ ଦ୍ୱାରା ଜଙ୍ଗଲର କ୍ଷତି ଓ ତଦ୍ୱାରା ମାନବ ସମାଜ ଉପରେ କି କୁପ୍ରଭାବ ପଡେ ସେ ନେଇ ଜଙ୍ଗଲ ସୁରକ୍ଷା ସଭାପତି ଏବଂ ସଦସ୍ୟମାନଙ୍କ ସହ ଆଲୋଚନା କରାଯାଇଛି। ସେହିପରି ଜଙ୍ଗଲରେ ନିଆଁ କିପରି ସମ୍ପୂର୍ଣ୍ଣ ବନ୍ଦ କରାଯାଇପାରିବ ସେ ବିଷୟରେ ଅନ୍ୟ ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଝରିଗାଁ ବନାଞ୍ଚଳ ଅଧୀନରେ ଥିବା ୫୦ ଜଙ୍ଗଲ ସୁରକ୍ଷା କମିଟିର ସମସ୍ତ ସଦସ୍ୟ, ଝରିଗାଁ ଫରେଷ୍ଟର ଗୁପ୍ତ ପ୍ରସାଦ ମହାନ୍ତି, ମେଦନା ଫରେଷ୍ଟର ତନୁଜ କୁମାର ପରିଚ୍ଛା, କଂଗ୍ରା ଫରେଷ୍ଟର ଅମିତ୍ କୁମାର ଦାସ, ମୋହରା ଫରେଷ୍ଟର ବିପିନ କୁମାର ହରିଜନ, ମଲଗାଁ ଫରେଷ୍ଟର ଭୁବନେଶ ପୁଜାରୀ, ଫରେଷ୍ଟଗାର୍ଡ ରାଜୁ ମଣ୍ଡଳ, ୱାଇଲ୍ଡଲାଇଫ, ପାରା କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।


ଘୁମୁରା ନୃତ୍ୟ ମାଧ୍ୟମରେ ଲୋକଙ୍କୁ ସଚେତନତା କରାଯାଉଛି।

## ବନାଞ୍ଚଳସ୍ତରୀୟ ଜଙ୍ଗଲ ନିଆଁ ନିବାରଣ ସଚେତନତା

# ରାଜୀବ ଜାଲଙ୍କୁ ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ପୁରସ୍କାର



ଅତିଥିମାନେ ରାଜୀବଙ୍କୁ ପୁରସ୍କୃତ କରୁଛନ୍ତି।

ନବରଙ୍ଗପୁର,୨୪।୧(ସଦାଶିବ ପ୍ରହରାଜ)

ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଜାତୀୟ ସେବା ଯୋଜନାର ରାଜ୍ୟସ୍ତରୀୟ ଶ୍ରେଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଭାବେ ନବରଙ୍ଗପୁର ଜିଲା କୋଷାଗୁମୁଡ଼ାସ୍ଥିତ ସରକାରୀ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ରାଜୀବ ଜାଲଙ୍କୁ ପୁରସ୍କୃତ କରାଯାଇଛି। ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ସଭାଗୃହରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ତାଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥିଭାବେ ଦାସ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର୍ ଗୀତାଞ୍ଜଳି, ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶାଳୟ ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ, ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ଡ ରମେଶ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଏହି ସଫଳତା ପାଇଁ ମଡେଲ ଡିଗ୍ରୀ କଲେଜର ସମସ୍ତ ଅଧକ୍ଷ,ସହକର୍ମୀ ଓ ଛାତ୍ରୀଛାତ୍ର ଓ ଖବରଦରତାଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି। ଏହି ପୁରସ୍କାର ସମାଜ ସେବା ପାଇଁ ତାଙ୍କୁ ଆହୁରି ପ୍ରେରଣା ଯୋଗାଇବ ବୋଲି ରାଜୀବ ଜାଲ କହିଛନ୍ତି। ପ୍ରକାଶ ଯେ ସେ ପୂର୍ବରୁ ନବରଙ୍ଗପୁର ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ପୂର୍ବତନ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀଭାବେ କାର୍ଯ୍ୟରତ ଥିଲେ।

# ପେନ୍‌ସନ ନ ମିଳିବା ନେଇ ଅସନ୍ତୋଷ

ଡାବୁଗାଁ, ୨୪।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

## ଅବସରପ୍ରାପ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବୈଠକ

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଧୀନ ବିନ୍ତ୍ରି ମନ୍ଦିର ନିକଟ ପଡ଼ିଆରେ ଅବସରପ୍ରାପ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନିତ୍ୟାନନ୍ଦ ନାୟକଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ବୈଠକରେ ଅବସରପ୍ରାପ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କ ବ୍ୟକ୍ତିଗତ ସମସ୍ୟା, ଅବସର ପରେ ମଧ ଦୀର୍ଘ ଦିନ ହେଲା ପେନସନ ନ ମିଳିବା ଉପରେ ଆଲୋଚନା କରାଯାଇଥିଲା। ବ୍ଲକ ଏବଂ ଜିଲାସ୍ତରରେ ଅବସରପ୍ରାପ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କର କାଗଜପତ୍ର ପଡି ରହିଥିବାବେଳେ ଜିଲାସ୍ତରୀୟ ଅଧିକାରୀ ମାନେ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ କରି ସମସ୍ତେ ଅସନ୍ତୋଷ ପ୍ରକାଶ କରିଥିଲେ। ଉଚ୍ଚ ନ୍ୟାୟଳୟର ନିର୍ଦ୍ଦେଶକୁ ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀ ମାନେ ମାନୁ ନଥିବା ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ– ୩୧ ମାର୍ଚ୍ଚ ୨୦୧୯ରେ ବାଞ୍ଛାନିଧି ଟାକ୍ରି, ୩୧ ମେ ୨୦୨୧ରେ ସୁବାସ ଚନ୍ଦ୍ର ଡଙ୍ଗରୀ ଅବସର ଗ୍ରହଣ କରିଥିଲେ ମଧ ଆଜି ପର୍ଯ୍ୟନ୍ତ ପେନସନ ପାଇ ନାହାନ୍ତି। ସଂଘ ସଭାପତି ଦୟାନିଧି ଦାଶ, ସାଧାରଣ ସମ୍ପାଦକ କୈଳାସ ସିଂ ସିଂଘାରଙ୍କ ସମେତ ଜିଲାରୁ ମୋଟ ୫୦ ଜଣ ଅବସରପ୍ରାପ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନେ ଯୋଗ ଦେଇଥିଲେ।


ବୈଠକରେ ଆଲୋଚନ ଚାଲିଛି।

# ଜଙ୍ଗଲରେ ନିଆଁ ଯୋଗୁ ଜଳବାୟୁ ପରିବର୍ତ୍ତନ ଘଟୁଛି

## ଜଙ୍ଗଲ ନିଆଁ ନିୟନ୍ତ୍ରଣ, ପ୍ରତିରୋଧ ନେଇ ସଚେତନତା

ପାପଡ଼ାହାଣ୍ଡି, ୨୪।୧ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳ ଜଟାବାଲ ସେକ୍ସନ ବତାସରଠାରେ ଶୁକ୍ରବାର ଜଙ୍ଗଲର ନିଆଁ ନିୟନ୍ତ୍ରଣ ଓ ପ୍ରତିରୋଧ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡିଏଫ୍‌ଓ ଶୁଭେନ୍ଦୁ କୁମାର ବେହେରା, ପି. ଏନଜିଓ ଚେୟାରମ୍ୟାନ ଈଶ୍ୱର ସାବୁତ, ସରପଞ୍ଚ ଉର୍ମିଳା ମାଝୀ, ସମିତି ସଭ୍ୟ ପ୍ରହ୍ଲାଦ ଚାଲାଣ, ପର୍ଶୁରାମ ମାଝୀ, ଖେମରାଜ ହରିଜନ, ଫରେଷ୍ଟର ଉମାକାନ୍ତ ପଟ୍ଟନାୟକ, ମଧୁସୁଧନ ପାତ୍ର, ବିଷ୍ଣୁ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ବତାସର ବନ ସଂରକ୍ଷଣ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜଙ୍ଗଲରେ ଲାଗିଥିବା ନିଆଁ ନିୟନ୍ତ୍ରଣ ଓ ପ୍ରତିରୋଧ ନେଇ ଆଲୋଚନା ହୋଇଥିଲା। ଜଙ୍ଗଲରେ ନିଆଁ ଲାଗିବ ଯୋଗୁଁ ଜଳ ବାୟୁ ପରିବର୍ତ୍ତନ ଘଟୁଛି। ନଆଁ ଲାଗିବାରୁ ବନ୍ୟ ଜନ୍ତୁ ମୃତ୍ୟୁବରଣ କରିବା ସହ ଗାଁ ମୁହାଁ ହୋଇ ହିଂସ୍ର ହେଉଛନ୍ତି ତେଣୁ ସମସ୍ତେ ଜଙ୍ଗଲକୁ ସୁରକ୍ଷା ଦେବା ଓ ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ଅତିଥିମାନେ କହିଥିଲେ। ପ୍ରତେକ ବ୍ୟକ୍ତି ଗୋଟେ ଗୋଟେ ଗଛ ଲଗାଇବା ଲାଗି ପରାମର୍ଶ ଦିଆଯାଇଛି। ବତାସର ବନ ସଂରକ୍ଷଣ ସମିତି ଜଙ୍ଗଲ ସୁରକ୍ଷା ଓ ନୂତନ ଜଙ୍ଗଲ ତିଆରି କରି ଗତବର୍ଷ ମୁଖ୍ୟମନ୍ତ୍ରୀଙ୍କ ଠାରୁ ବିଜୁ ପଟ୍ଟନାୟକ ପୁରସ୍କାର ପାଇଛନ୍ତି। ତାଙ୍କୁ ଧନ୍ୟବାଦ ଜଣାଇବା ସହ ସମସ୍ତେ ସେହିଭଳି କାର୍ଯ୍ୟ କରନ୍ତୁ ବୋଲି ଅତିଥି ପରାମର୍ଶ ଦେଇଥିଲେ। ଏହି ଅସରରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଛତୁ ଚାଷ କରି ସ୍ୱାବଲମ୍ବୀ ହୋଇଥିବା ୩୦ଜଣ ଏସ୍‌ଏଚ୍‌ଜି ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା। ଫରେଷ୍ଟଗାର୍ଡ ସଦା ସାନ୍ତା, ସସ୍ମିତା ଭତରା, ଉମା ମିଶ୍ର, କାର୍ତ୍ତିକ ମାଝୀ, ତାପସ ପଟ୍ଟନାୟକ, ଗିତାରାଣୀ ବିଶ୍ୱାସରାୟ , ଅନିତା ହିଆଲ, ସୁସ୍ମିତା ଲେଙ୍କା, ପରେଶ ବିଷୋୟୀ, ବସନ୍ତ ନାୟକ, ମଧୁସ୍ମିତା ତ୍ରିପାଠୀ, ସ୍ୱରସ୍ୱତୀ ମେହେର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବନ ବିଭାଗ ପକ୍ଷରୁ ଏକ ଅଗ୍ନିଶମ ଗାଡ଼ି ଉଦ୍‌ଘାଟିତ ହୋଇଛି। ପାପଡ଼ାହାଣ୍ଡି ଓ ଡାବୁଗାଁ ବନାଞ୍ଚଳର ୨ ହଜାରରୁ ଊର୍ଦ୍ଧ୍ୱ ବନ ସୁରକ୍ଷା ସଭ୍ୟମାନଙ୍କ ସମାଗମ ହୋଇଥିଲା।


ଛତୁ ଚାଷ କରି ସ୍ୱାବଲମ୍ବୀ ହୋଇଥିବା ଜଣେ ମହିଳାଙ୍କୁ ପୁରସ୍କୃତ କରାଯାଉଛି।

# ୨୯୮ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଶହେରୁ ଊର୍ଦ୍ଧ୍ୱଙ୍କୁ ସହାୟତା

ତେନ୍ତୁଲିଖୁଣ୍ଟି, ୨୪।୧(ଚିଦାନନ୍ଦ ସାହୁ)

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ କାର୍ଯ୍ୟାଳୟ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ପକ୍ଷରୁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ୨୯୮ଜଣ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅସ୍ଥିଶଲ୍ୟ, କର୍ଣ୍ଣ, ଚକ୍ଷୁ, ମାନସିକ ବିଭାଗ ବିଶେଷଜ୍ଞ ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଜିଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଶିବିରକୁ ଆସି ତଦାରଖ କରିଥିଲେ। ବିଡିଓ ମନୋଜ ପାଣିଗ୍ରାହୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ପଞ୍ଚାୟତସ୍ତରୀୟ ପ୍ରତିନିଧି ଓ ଅଧିକାରୀ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତିନି ମାସ ଆଗରୁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଏହି ଶିବିର ସମ୍ପର୍କରେ ସୂଚନା ଦିଆଯାଇଥିଲା। ଅଙ୍ଗନୱାଡି କର୍ମୀଙ୍କ ଜରିଆରେ ଅନ୍‌ଲାଇନ୍ ରେଜିଷ୍ଟର କରିବାକୁ ନିର୍ଦ୍ଦେଶ ଥିଲା। ତଥାପି ମଧ ଠିକ୍‌ଭାବେ କାର୍ଯ୍ୟ ହୋଇ ନ ଥିବାରୁ ବହୁ ଦିବ୍ୟାଙ୍ଗ ଶେଷ ସମୟରେ ଶିବିରକୁ ଯାଇ ନାମ ପଞ୍ଜିକରଣ କରାଇ ନ ପାରି ନିରାଶ ହୋଇ ଫେରିଥିଲେ। ଶିବିରରେ ୩୬ ଜଣଙ୍କୁ ହୁଇଲ୍ ଚେୟାର, ଆଶାବାଡ଼ି, ୭୦ ଜଣଙ୍କୁ ହିୟରିଂ କିଟ୍,୧୨ ଜଣଙ୍କୁ ଶିକ୍ଷଣ କିଟ୍ ପ୍ରଦାନ କରାଯାଇଛି।


ସହାୟତା ପାଇଥିବା ହିତାଧିକାରୀ।

# ଆତ୍ମରକ୍ଷା କୌଶଳ ତାଲିମ ନେଲେ ୧୦୮ ଛାତ୍ରୀ

ପଦ୍ମପୁର, ୨୪।୧ (ପ୍ରଶାନ୍ତ କୁମାର କର)

ପଦ୍ମପୁରସ୍ଥିତ ଆରଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଅଧକ୍ଷ ଅଶୋକ ଦାସ, କାର୍ଯ୍ୟକ୍ରମ ସଂଯୋଜିକା ରଶ୍ମିତା ସ୍ୱାଇଁ ଆରଜି ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଜଗଦୀଶ ଚନ୍ଦ୍ର ସେନାପତି ଯାଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଅଧାପକ ରମେଶ ଚନ୍ଦ୍ର ଦୋରା, ମାଷ୍ଟର ଟ୍ରେନର କେତକୀ ଗମାଙ୍ଗ ଏବଂ ସୋନାଲି ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ଶିବିରରେ ମୋଟ ୧୦୮ ଜଣ ଛାତ୍ରୀ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ। ଛାତ୍ରୀମାନଙ୍କୁ ସବୁବେଳେ ଧର୍ଯ୍ୟ ଓ ସାହସର ସହ ପ୍ରତିଦିନ ଘଟୁଥିବା ଅନୈତିକ ତଥା ଅସାମାଜିକ କାର୍ଯ୍ୟକଳାପକୁ ପ୍ରତ୍ୟକ୍ଷ ମୁକାବିଲା କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ସଂଯୋଜିକା ସ୍ୱାଇଁ ଏହି କୌଶଳକୁ ପ୍ରତ୍ୟକ ଦିନ ଅଭ୍ୟାସ ରଖିବାକୁ ଉପଦେଶ ଦେଇଥିଲେ ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପଦଯାତ୍ରା

କୋରାପୁଟ,୨୪।୧(ଅମିତାଭ ବେହେରା)

କୋରାପୁଟ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସର ଏକାଡେମିକ ବ୍ଲକ୍–୩ରେ ନେତାଜୀ ସୁଭାସ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ସମ୍ମାନ ଜଣାଇ ଜାତୀୟ ସେବା ଯୋଜନା ଓ ଛାତ୍ର କଲ୍ୟାଣ ସମୂହ ପକ୍ଷରୁ ଏକ ପଦଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ସ୍ୱାଧୀନତା ସଂଗ୍ରାମରେ ଉଭୟ ନେତାଙ୍କ ମନୋବଳ ଓ ଦେଶପ୍ରେମକୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନେତାଜୀ ସୁଭାସ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଛାତ୍ର କଲ୍ୟାଣ ଡିନ୍ ଡ. ରମେନ୍ଦ୍ର କୁମାର ପାଢ଼ୀ ଉପସ୍ଥିତ ଥିଲେ। ଦେଶପ୍ରେମ, ଏକତା ଏବଂ ଦେଶ ସେବାର ଆଦର୍ଶକୁ ବଜାୟ ରଖିବାର ସାମୂହିକ ସଂକଳ୍ପକୁ ପ୍ରତିଫଳିତ କରିବା ନେଇ ଏକାଡେମିକ୍ ବ୍ଲକ–୩ରୁ ପଦଯାତ୍ରା ବାହାରି ପ୍ରଶାସନିକ ଭବନରେ ପହଞ୍ଚିଥିଲା। ଏଥିରେ ୩୫୦ ଛାତ୍ରୀଛାତ୍ର, ଅଧାପକ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡ. ଅଞ୍ଜନେୟୁଲୁ ଥୋଟାପଲ୍ଲୀ ଧନ୍ୟବାଦ ଦେଇଥିଲେ।


ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପଦଯାତ୍ରା କରାଯାଉଛି।

# ପିଲାଙ୍କ ପଢ଼ାରେ ସହାୟକ ହେବ ଅଙ୍ଗନୱାଡି ଗୃହ

ଉମରକୋଟ, ୨୪।୧(ସନ୍ତୋଷ ଶତପଥୀ)

- ସହରାଞ୍ଚଳ ବାସହୀନଙ୍କ ଆଶ୍ରୟସ୍ଥଳୀ ଭୂମି ପୂଜା କଲେ ଗଣଶିକ୍ଷା ମନ୍ତ୍ରୀ
- ଅଙ୍ଗନୱାଡି ଗୃହ ଉଦ୍‌ଘାଟନ

ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳ ଅଧୀନ ଭାଲୁଗୁଡ଼ାର ସହରାଞ୍ଚଳ ବାସହୀନଙ୍କ ଆଶ୍ରୟସ୍ଥଳୀ ଭୂମି ପୂଜା କାର୍ଯ୍ୟକ୍ରମ ଶୁକ୍ରବାର କରାଯାଇଛି। ୟୁ.ଭି. ୪ ଦର୍ଗାଗୁଡା ଓ ଦର୍ଗାଗୁଡ଼ା ଆଦିବାସୀ ଗାଁରେ ଦୁଇଟି ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟନ କରାଯାଇଛି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରକଳ୍ପ ପାଇଁ ଭୂମି ପୂଜା କରିବା ସହ ଅଙ୍ଗନୱାଡି ଗୃହ ଉଦଘାଟନ କରିଛନ୍ତି। ଆଶ୍ରୟସ୍ଥଳୀ ପାଇଁ ସରକାରଙ୍କ ପକ୍ଷରୁ ପ୍ରାୟ ୧ କୋଟି ଟଙ୍କା ବ୍ୟୟ ବରାଦ କରାଯଇଛି। ସହରାଞ୍ଚଳର ଅନେକ ବାସହୀନ ଏଣେ ତେଣେ ବୁଲିବା ସହ ରାସ୍ତା କଡ଼ରେ ବିଶ୍ରାମ ନେଉଥିଲେ। ବର୍ଷା ଶୀତ ଦିନରେ ଅନେକ ଅସୁବିଧା ଭୋଗୁଥିଲେ। ସେମାନେ ଆଗାମୀ ଦିନରେ ଏହି ଆଶ୍ରୟ ସ୍ଥଳୀରେ ଯାଇ ରହି ପାରିବେ। ଏହି ଆଶ୍ରୟ ସ୍ଥଳୀ ହେବା ପରେ ଅନେକ ଲୋକ ଉପକୃତ ହେବେ ବୋଲି ଆଶା ରଖାଯାଇଛି। ସେହିଭଳି ଅଙ୍ଗନୱାଡି କେନ୍ଦ୍ର ନ ଥିବା ଯୋଗୁ ପିଲାମାନଙ୍କ ପାଠ ପଢ଼ାରେ ଅସୁବିଧା ହେଉଥିଲା। ବର୍ତ୍ତମାନ ଏହି ୨ଟି କୋଠା ପିଲାଙ୍କ କାର୍ଯ୍ୟରେ ଆସିବ ବୋଲି ପୌର ନିର୍ବାହୀ ଅଧିକାରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷା ରାଧା ଭତ୍ରା, ଭାଜପା ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଅଶୋକ ପାଢ଼ୀ, କାଉନସିଲର ତପନ ଦେବନାଥ, ମୁନା ପାଢ଼ୀ, ମନୋଜ ନାୟକ, ଚିତ୍ତରଞ୍ଜନ ପାତ୍ର, ନେତ୍ର ହରିଜନ, ନିର୍ବାହୀ ଅଧିକାରୀ ବନମାଳି ଶତପଥୀ, ରାମ ନାୟକ, ସତ୍ୟ ବେହେରା, ପ୍ରଭାତ ନାୟକ ପ୍ରମୁଖ ଅନେକ ଭାଜପା କର୍ମୀ ଉପସ୍ଥିତ ରହିଥିଲେ।


ସହରାଞ୍ଚଳ ବାସହୀନ ଆଶ୍ରୟସ୍ଥଳୀ ଭୂମିପୂଜା ଅବସରରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଅନ୍ୟମାନେ।

# ୨୪୦୦ କୁଇଣ୍ଟାଲ ମାଣ୍ଡିଆ କ୍ରୟ ଲକ୍ଷ୍ୟ

ତେନ୍ତୁଲିଖୁଣ୍ଟି, ୨୪।୧(ଚିଦାନନ୍ଦ ସାହୁ)

## ତେନ୍ତୁଲିଖୁଣ୍ଟି ବ୍ଲକସ୍ତରୀୟ ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଗୌଡଗୁଡ଼ାରେ ଶ୍ରୀ ଅନ୍ନ ଅଭିଯାନ ତଥା ଓଡ଼ିଶା ମିଲେଟ୍‌ସ ମିଶନ ପକ୍ଷରୁ ଅଗ୍ରଗାମୀ ଅଫିସ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ତେନ୍ତୁଲିଖୁଣ୍ଟି ବ୍ଲକ୍ ଅଧକ୍ଷା ନିଳେନ୍ଦ୍ରୀ ନାୟକ ମୁଖ୍ୟ ଅତିଥି, ତେନ୍ତୁଲିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଚଳିତ ବର୍ଷ ମାଣ୍ଡିଆ ଦର କୁଇଣ୍ଟାଲ ପିଛା ୪୫୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ତେନ୍ତୁଲିଖୁଣ୍ଟି ବ୍ଲକରେ ସର୍ବମୋଟ ୨୪୦୦ କୁଇଣ୍ଟାଲ ମାଣ୍ଡିଆ କ୍ରୟ ଲକ୍ଷ୍ୟ ରଖାଯାଇ ଥିବା ଶ୍ରୀ ଅନ୍ନ ଅଭିଯାନ ବ୍ଲକ ସଂଯୋଜକ ନିଶାନ୍ତ ବିଷୋୟୀ କହିଛନ୍ତି। ବ୍ଲକରେ ବର୍ତ୍ତମାନ ୭୮୦ଜଣ ଚାଷୀ ମାଣ୍ଡିଆ ବିକିବାକୁ ପଞ୍ଜିକରଣ କରିଛନ୍ତି। ପଞ୍ଜିକରଣ ଶେଷ ତାରିଖ ଚଳିତ ଜାନୁଆରୀ ୩୧। ଏଫ୍‌ଏକ୍ୟୁ ମାନର ମାଣ୍ଡିଆ ଆଣିବାକୁ ଚାଷୀଙ୍କୁ କୁହାଯାଇଛି। ବ୍ଲକରେ ମଣ୍ଡି ସୁରୁଖୁରୁରେ ଯେପରି ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ଅଗ୍ରଗାମୀ ସଂସ୍ଥା କର୍ମକର୍ତ୍ତା ଏବଂ ଶ୍ରୀ ଅନ୍ନ ଅଭିଯାନ ଷ୍ଟାଫ୍‌ମାନଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ଅନ୍ନ ଅଭିଯାନ ବ୍ଲକ ସଂଯୋଜକ ନିଶାନ୍ତ କୁମାର ବିଷୋୟୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଗ୍ରଗାମୀ ପ୍ରକଳ୍ପ ନିର୍ଦ୍ଦେଶକ ଜଗନ୍ନାଥ ଜେନା, ଟିଡିସିସି ମାର୍କେଟିଂ ମ୍ୟାନେଜର ପ୍ରକାଶ ଦାସ, ବ୍ଲକ୍ କୃଷି ଅଫିସରୁ ଓଭରସିୟର ଧୀରେନ ବେନ୍ୟା, ବନ୍ଦିତା ମହାରଣା, ଅତିରିକ୍ତ ଜିଲା ସଂଯୋଜକ ସୁଜିତ୍ କୁମାର ପ୍ରଧାନ, ନବଗାମୀ କୃଷକ ଉତ୍ପାଦକ କମ୍ପାନୀରୁ ଅଶ୍ୱିନୀ ନାୟକ, ହିମାଂଶୁ ଦଳେଇ, ସୋମାଇ ମାଝୀ ଏବଂ ଗୁଲା ଭୋଇ ପ୍ରମୁଖଙ୍କ ସମେତ ସମସ୍ତ ଅତିଥି, ମାଣ୍ଡିଆ ଚାଷୀ, କୃଷି ବିଭାଗ, ଅଗ୍ରଗାମୀ ଏନ୍‌ଜିଓ କର୍ମକର୍ତ୍ତାଙ୍କ ଉପସ୍ଥିତ ଥିଲେ।



ଅତିଥିମାନେ ମଣ୍ଡି ଉଦ୍‌ଘାଟନ କରୁଛନ୍ତି।

